بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 6

ସଂଖ୍ୟା 29

ବାର୍ଷିକ ଦେୟ: ୫୭୫/-

ସାପ୍ତାହିକ

ବଦର୍

Weekly BADAR Qadian Odia

କାଦିଆନ

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

22 ଜୁଲାଇ 2021 | 22 ୱଫା 1400 ହି.ଶ | 11 ଜୁଲହଜା 1442 ହି.କ

ଅଲ୍ଲାଃ ତାଲାଙ୍କ ବାଣୀ

يٰۤاَيُّهَا الَّذِيۡنَ اٰمَنُوۡا لَا تَتَّخِذُوا الَّذِيۡنَ اتَّخَذُوۡا دِيۡنَكُمۡ هُزُوًا وَّلَعِبًا مِّنَ الَّذِيۡنَ اُوۡتُوا الۡكِتٰبَ مِنۡ قَبۡلِكُمۡ وَالۡكُفَّارَ اَوۡلِيَآءَ ۚ وَاتَّقُوا اللّٰهَ اِنۡ كُنۡتُمۡ مُّؤۡمِنِيۡنَ

(سورۃ المائدہ 58)

ଅନୁବାଦ– ହେ ବିଶ୍ୱାସକାରୀମାନେ ! ଯେଉଁମାନଙ୍କୁ ତୁମମାନଙ୍କ ପୂର୍ବରୁ (ଧର୍ମ) ଗ୍ରନ୍ଥ ଦିଆଯାଇଥିଲା, ସେମାନଙ୍କ ମଧ୍ୟରୁ ଯେଉଁମାନେ ତୁମମାନଙ୍କର ଧର୍ମକୁ ଉପହାସ କରୁଛନ୍ତି ଓ ଖେଳ ମନେ କରୁଛନ୍ତି ସେମାନଙ୍କୁ ଏବଂ (ସେମାନଙ୍କ ଛଡ଼ା ଅନ୍ୟାନ୍ୟ) ଅବିଶ୍ୱାସକାରୀମାନଙ୍କୁ ସାହାଯ୍ୟକାରୀ ରୂପେ ଗ୍ରହଣ କର ନାହିଁ; ଏବଂ ଯଦି ତୁମେମାନେ ବିଶ୍ୱାସକାରୀ ହୋଇଥାଅ, ତେବେ ଅଲ୍ଲାଃଙ୍କୁ ଭୟ କର । *(ଅଲ୍‌ମାଇଦା: ୫୮)*

ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

ତେଣୁ ଅତୀତରେ ଆସିଥିବା ଅମ୍ବିୟା (ଭବିଷ୍ୟବକ୍ତାମାନଙ୍କ) ମଧ୍ୟରେ ଯେଉଁ ସମସ୍ତ ବ୍ୟକ୍ତିଗତ ଉତ୍କର୍ଷ ସବୁ ଭରି ରହିଥିଲା, ତାହା ସବୁ ରସୁଲୁଲ୍ଲାଃ ସ:ଆ:ସଙ୍କ ଅସ୍ତିତ୍ୱରେ ଈଶ୍ୱର ଏକତ୍ରିତ କରିଦେବାକୁ ଇଚ୍ଛା କଲେ ତେଣୁ ସମସ୍ତ ଉତମ ଗୁଣ ଏବଂ ସିଦ୍ଧତା ଯାହା ବିଭିନ୍ନ ପୁସ୍ତକରେ ଥିଲା, ତାହା ସବୁକୁ ପବିତ୍ର କୁର୍‌ଆନ୍‌ରେ ଏକତ୍ରୀତ କରିଦେଲେ ଏବଂ ସେହିଭଳି ଯେତେକ ସିଦ୍ଧତା ସକଳ ଜାତି ମଧ୍ୟରେ ଥିଲା ତାହା ସବୁ ଏହି ଉମ୍ମତ (ସମ୍ପ୍ରଦାୟ)ରେ ଏକାଠି କରିଦେଲେ । ଅତଏବ ଈଶ୍ୱର ଚାହୁଁଛନ୍ତି ଯେ ଆମେ ସେହି ସିଦ୍ଧତାକୁ ହାସଲ କରିନେବା

ହଜରତ ମସିହ ମଉଦ ଆ.ସଙ୍କ ନୀତି ବାଣୀ

ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଆଗମନ ତଥା ପବିତ୍ର କୁର୍‌ଆନ୍ ଅବତୀର୍ଣ୍ଣ ହେବାର ଉଦ୍ଦେଶ୍ୟ

କହିବାର ତାତ୍ପର୍ଯ୍ୟ ହେଉଛି ଏହା କି ଅଲ୍ଲାଃ ତାଲା ଅମ୍ବିୟା (ଅବତାର ଅର୍ଥାତ ଭବିଷ୍ୟଦ୍‌ବକ୍ତାମାନଙ୍କୁ) ପଠାଇଥାନ୍ତି, ଏହି କ୍ରମରେ ପରିଶେଷରେ ସେ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କୁ ଏ ମାନବଜାତିର ମାର୍ଗଦର୍ଶନ ପାଇଁ ପଠାଇଲେ ଓ ପବିତ୍ର କୁର୍‌ଆନ୍ ଅବତୀର୍ଣ୍ଣ କଲେ । ଏହାର ଉଦ୍ଦେଶ୍ୟ କ'ଣ ଥିଲା ? ପ୍ରତ୍ୟେକ ବ୍ୟକ୍ତି ଯାହା କିଛି କାମ କରିଥାଏ ତାହାର କିଛି ନା କିଛି ଉଦ୍ଦେଶ୍ୟ ଥାଏ । ପବିତ୍ର କୁର୍‌ଆନ୍ ଅବତୀର୍ଣ୍ଣ କରିବାରେ ତଥା ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କୁ ପ୍ରେରଣ କରିବାରେ ଈଶ୍ୱରଙ୍କର କିଛି ଉଦ୍ଦେଶ୍ୟ ନଥିଲା ବୋଲି ବିବେଚନା କରିବା ଅତ୍ୟନ୍ତ ଅଭଦ୍ରତା ଓ ଅସମ୍ମାନ ହେବ । କାରଣ ଏମିତି ହେଲେ (ଅଲ୍ଲାଃଙ୍କ ଶରଣ ଭିକ୍ଷା କରୁଛି) ଅଲ୍ଲାଃ ତାଲାଙ୍କ ଆଡ଼କୁ ଗୋଟିଏ ନିରର୍ଥକ କାର୍ଯ୍ୟ କରିଥିବା ଯୋଗୁଁ ଆଙ୍ଗୁଳି ନିର୍ଦ୍ଦେଶ କରାଯିବ, ଯେବେକି ତାହାଙ୍କ ଅସ୍ତିତ୍ୱ ହେଉଛି ପବିତ୍ରମୟ । (ସୁବ୍‌ହାନହୁ ୱ ତାଆଲା ଶାନୁହୁ ଅର୍ଥାତ ସେ ପବିତ୍ର ଓ ତାହାଙ୍କ ମହିମା ସର୍ବୋପରିସ୍ଥ)

ତେଣୁ ମନେରଖ ଯେ ପବିତ୍ର କୁର୍‌ଆନ୍ ଅବତୀର୍ଣ୍ଣ କରି ଏବଂ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କୁ ପ୍ରେରଣ କରି ଅଲ୍ଲାଃ ତାଲା ଏହା ଇଚ୍ଛା କରିଛନ୍ତି ସେ ସୋ ଏ ଜଗତକୁ ଦୟା ଓ କରୁଣାର ନମୁନା ଦେଖାଇବେ । ଯେମିତି ଅଲ୍ଲାଃ ତାଲା ଏହା କହିଛନ୍ତି **ମା ଅର୍‌ସଲ୍‌ନାକା ଇଲ୍ଲା ରହ୍‌ମତଲ୍ ଲିଲ୍ ଆଲମୀନ୍ (ଅମ୍ବିୟା:୧୦୮)** (ଅର୍ଥାତ ହେ (ମୁହମ୍ମଦ) ! ଆମେ ତୁମକୁ ସାରା ସଂସାର ପାଇଁ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଅଛୁ) ସେହିଭଳି ପବିତ୍ର କୁର୍‌ଆନ୍ ଅବତୀର୍ଣ୍ଣ କରିବାର ଉଦ୍ଦେଶ୍ୟ ଏହା ବତାଇଲେ ଯେ **ହୁଦଲ୍ ଲିଲ୍ ମୁତ୍‌ତକିନ୍ (ଅଲ୍‌ବକ୍‌ରାଃ:୩)** (ଅର୍ଥାତ–ଏହା ଧର୍ମପରାୟଣ ବ୍ୟକ୍ତିମାନଙ୍କୁ ସତ୍‌ପଥରେ ପରିଚାଳିତ କରାଏ) । ଏହା ସବୁ ଏପରି ମହାନ ଉଦ୍ଦେଶ୍ୟ ଯାହାର ଦୃଷ୍ଟାନ୍ତ ମିଳିପାରିବ ନାହିଁ । ତେଣୁ ଅତୀତରେ ଆସିଥିବା ଅମ୍ବିୟା (ଭବିଷ୍ୟବକ୍ତାମାନଙ୍କ) ମଧ୍ୟରେ ଯେଉଁ ସମସ୍ତ ବ୍ୟକ୍ତିଗତ ଉତ୍କର୍ଷ ସବୁ ଭରି ରହିଥିଲା, ତାହା ସବୁ ରସୁଲୁଲ୍ଲାଃ ସ:ଆ:ସଙ୍କ ଅସ୍ତିତ୍ୱରେ ଈଶ୍ୱର ଏକତ୍ରିତ କରିଦେବାକୁ ଇଚ୍ଛା କଲେ ତେଣୁ ସମସ୍ତ ଉତମ ଗୁଣ ଏବଂ ସିଦ୍ଧତା ଯାହା ବିଭିନ୍ନ ପୁସ୍ତକରେ ଥିଲା, ତାହା ସବୁକୁ ପବିତ୍ର କୁର୍‌ଆନ୍‌ରେ ଏକତ୍ରୀତ କରିଦେଲେ ଏବଂ ସେହିଭଳି ଯେତେକ ସିଦ୍ଧତା ସକଳ ଜାତି ମଧ୍ୟରେ ଥିଲା ତାହା ସବୁ ଏହି ଉମ୍ମତ (ସମ୍ପ୍ରଦାୟ)ରେ ଏକାଠି କରିଦେଲେ । ଅତଏବ ଈଶ୍ୱର ଚାହୁଁଛନ୍ତି ଯେ ଆମେ ସେହି ସିଦ୍ଧତାକୁ ହାସଲ କରିନେବା । ଏ କଥା ମଧ୍ୟ ଭୁଲିବା ଉଚିତ ନୁହେଁ ଯେ ଯେଉଁ ସମସ୍ତ ମହାନ ସିଦ୍ଧତା ସେ ଆମକୁ ଦେବାକୁ ଚାହୁଁଛନ୍ତି ତାହା ଅନୁରୂପ ସେ ଆମକୁ ସାମର୍ଥ୍ୟ ବି ପ୍ରଦାନ କରିଛନ୍ତି । କାରଣ ଯଦି ତାହା ଅନୁରୂପ ଆମକୁ ଶକ୍ତି/ସାମର୍ଥ୍ୟ ଦିଆଯାଇନଥାନ୍ତା ତା'ହେଲେ ଆମେ ସେହି ସିଦ୍ଧତା କୌଣସି ପ୍ରକାରରେ ମଧ୍ୟ ପାଇ ପାରିନଥାନ୍ତେ । ତାହାର ଉଦାହରଣ ହେଉଛି ଏପରି କି ଯେମିତି ଜଣେ ବ୍ୟକ୍ତି ଗୋଟିଏ ଦଳ/

ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ...

ବାହାଇ ଧର୍ମର ଲୋକମାନେ ପ୍ରତ୍ୟେକ ଦେଶରେ ଯାଇ ଅଲଗା ନିୟମ କାନୁନ୍ ତିଆରି କରଥାନ୍ତି, ଏହି ଅବସ୍ଥା ଇସାଇମାନଙ୍କର ମଧ୍ୟ ରହିଛି । ଏହାର ବିପରୀତରରେ ଇସ୍‌ଲାମ୍‌କୁ ଦେଖନ୍ତୁ ଆରମ୍ଭରୁ ନେଇ ଏ ପର୍ଯ୍ୟନ୍ତ ସମସ୍ତ ଶିକ୍ଷା ଗୋଟିଏ ମୂଳ ସ୍ଥାନରେ ପ୍ରତିଷ୍ଠିତ ରହିଛି । ନା' କମ୍ କରିବାର ଆବଶ୍ୟକ ନା ଅଧିକା କରିବାର ଆବଶ୍ୟକ । ଇସ୍‌ଲାମ୍ ଆରମ୍ଭରୁ ଲା ଇଲାହା ଇଲ୍ଲଲ୍ଲାହୁ ମୁହମ୍ମଦୁର୍ ରସୁଲୁଲ୍ଲାହ୍ ର ଶିକ୍ଷା ଦେଇଛି । ପରେ ସେଥିରେ କିଛି ପରିବର୍ତ୍ତନ କରାଯାଇନାହିଁ

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ସୁରଃ ଇବ୍ରାହିମ୍‌ର ଆୟତ ନଂ-୨୭ **ୱ ମସଲୁ କଲିମତିନ୍ ଖବିସତିନ୍ କଶଜରତିନ୍ ଖବିସତିନିଜ୍ ତୁସ୍‌ସତ୍ ମିନ୍ ଫୌକିଲ୍ ଅର୍‌ଜି ମା ଲହା ମିନ୍ କରାରିନ୍** ର ବ୍ୟାଖ୍ୟା କରି କହିଛନ୍ତି:-

ଶଜ୍‌ରାଃ ତୈୟବାଃ (ଉତମ ବୃକ୍ଷ)ର ବିପରୀତ ମିଥ୍ୟା ଧର୍ମ ସମ୍ବନ୍ଧରେ ଯେଉଁ କଥାଗୁଡ଼ିକୁ ଉପସ୍ଥାପନ କରାଯାଇଅଛି ତାହା ହେଉଛି ଏପରି:

(୧) ତାହାର ରୂପ ଘୃଣ୍ୟ ହୋଇଥିବ (୨) ଉତମ ଏବଂ ଭ୍ରଷ୍ଟ ଶିକ୍ଷାକୁ ମିଶ୍ରଣ କରି ଉପସ୍ଥାପନ କରୁଥିବ (୩) ଉତମ ଫଳାଫଳ ବାହାରୁ ନଥିବ । ଅର୍ଥାତ ତାହା ଉପରେ ପରିଚାଳିତ ହୋଇ କୌଣସି ବ୍ୟକ୍ତି ଈଶ୍ୱରଙ୍କ ପର୍ଯ୍ୟନ୍ତ ପହଂଚିପାରୁନଥିବ । ଯେମିତି ବାହାଇ ଧର୍ମ, ତାହା ନବେ ବର୍ଷ ହେବ ସୃଷ୍ଟି ହେଲାଣି (ଅର୍ଥାତ ବାବ୍‌ର ଦାବିଠାରୁ ଏପର୍ଯ୍ୟନ୍ତ) କିନ୍ତୁ ଜଣେ ମଧ୍ୟ ଏପରି ନାହାନ୍ତି ଯିଏ ଏକଥା କହିଥିବ ଯେ ଏହି ଶିକ୍ଷା ଉପରେ ପରିଚାଳିତ ହେବା ଯୋଗୁଁ ମୋ ସହିତ ଈଶ୍ୱର ବାର୍ତ୍ତାଳାପ କରୁଛନ୍ତି । କିନ୍ତୁ ହଜ୍‌ରତ୍ ମସିହ ମଉଦ ସ:ଆ:ସ ଙ୍କୁ ଆସିବାର ଏବେ ଅଳ୍ପହିଁ ସମୟ ହୋଇଛି ଯେ ତାଙ୍କ ଅନୁଯାୟୀମାନଙ୍କ ମଧ୍ୟରୁ ଶହ ଶହ ଲୋକଙ୍କୁ ଗଣାଇ ଦିଆଯାଇପାରିବ, ଯେଉଁମାନେ ଈଶ୍ୱରଙ୍କ ସହିତ ବାର୍ତ୍ତାଳାପ କରୁଛନ୍ତି.....

ନବୀ ସ:ଆ:ସଙ୍କ ବାଣୀ

ଆଧ୍ୟାତ୍ମିକତା ଓ ଶାରିରୀକ ପବିତ୍ରତାର ଗୁରୁତ୍ୱ

(୧୩୭୮) ହଜ୍‌ରତ୍ ଇବ୍‌ନେ ଅବାସ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ ସ:ଆ:ସ ଦୁଇଟି କବର ନିକଟ ଦେଇ ଗଲେ । ଆପଣ ସ:ଆ:ସ କହିଲେ: ଏମାନଙ୍କୁ ଦଣ୍ଡ ଦିଆଯାଉଅଛି । କୌଣସି ବଡ଼ ଗୁନାହ୍ (ପାପ) କରିଥିବା ଯୋଗୁଁ ଦଣ୍ଡ ଦିଆଯାଉନାହିଁ । ପୁଣି ଆପଣ ସ:ଆ:ସ କହିଲେ ଏମାନଙ୍କ ମଧ୍ୟରୁ ଜଣେ ଚୁଗୁଲି କରି ବୁଲୁଥିଲା ଓ ଅନ୍ୟଜଣକ ପରିସ୍ରା (ଛିଟା)ରୁ ନିଜକୁ ବଚାଂଉନଥିଲା । ହଜ୍‌ରତ୍ ଇବ୍‌ନେ ଅବାସ୍ ର:ଅ କହିଲେ: ପୁଣି ଆପଣ ସ:ଆ:ସ ଗୋଟିଏ ସବୁଜ ଡ଼ାଳକୁ ଦୁଇ ଖଣ୍ଡ କରିଲେ । ପୁଣି ସେହି ଦୁଇ ଡ଼ାଳ ଖଣ୍ଡକୁ ଅଲଗା ଅଲଗା କରି ପ୍ରତ୍ୟେକ କବର ଉପରେ ପୋତି ଦେଲେ । ପୁଣି କହିଲେ: ଆଶା କରୁଛି ଯେପର୍ଯ୍ୟନ୍ତ ଏହା ନ ଶୁଖିଛି ସେ ପର୍ଯ୍ୟନ୍ତ ଏମାନଙ୍କ ଦଣ୍ଡକୁ କୋହଳ କରାଯିବ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ:

"ଆମେ ଫରିସ୍ତା (ଦେବ ଦୂତ)ମାନଙ୍କ ଉପରେ, ଈଶ୍ୱରଙ୍କ ପୁସ୍ତଗୁଡ଼ିକ ଉପରେ, ରସୁଲେ କରିମ୍ ସ:ଆ:ସଙ୍କ ହଦିସ୍‌ଗୁଡ଼ିକ ଉପରେ ବୈକୁଣ୍ଠ, ନର୍କ, କବରର ଯନ୍ତ୍ରଣା, ଭାଗ୍ୟ ଏବଂ ଶରୀରର ପୁନରୁତ୍‌ଥାନ ଦିନ ଉପରେ ଆନ୍ତରିକତାର ସହିତ ବିଶ୍ୱାସ ଆଣୁଅଛୁ । ଆମେ ଏହିପରି ବିଷୟବସ୍ତୁଗୁଡ଼ିକର ବିସ୍ତାରିତ ବିବରଣୀ ଈଶ୍ୱରଙ୍କ ଉପରେ ଛାଡ଼ି ଦେଇଥାଉ କାରଣ ସତର୍କପୂର୍ଣ୍ଣ ଧର୍ମ ହେଉଛି ଏହା କି ମଣିଷ ସଂକ୍ଷିପ୍ତ ଉପରେ ବିଶ୍ୱାସ ଆଣୁ ଓ ବିବରଣୀଗୁଡ଼ିକୁ ଈଶ୍ୱରଙ୍କ ଉପରେ ଛାଡ଼ିଦେଉ । ***(ମଲ୍‌ଫୁଜାତ୍ ଖଣ୍ଡ-୫, ପୃ-୧୩୪ ମୁଦ୍ରଣ କାଦିୟାନ ଏଡ଼ିଶନ୍ ୨୦୦୩)***

(୧୩୮୧) ହଜ୍‌ରତ୍ ଅନସ୍ ବିନ୍ ମାଲିକ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ରସୁଲୁଲ୍ଲାଃ ସ:ଆ:ସ କହିଛନ୍ତି: ଲୋକମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତିର ଏପରି ତିନିଜଣ ପିଲା ମରିଯାଆନ୍ତି, ଯେଉଁ ପିଲାମାନେ ଏପର୍ଯ୍ୟନ୍ତ ଭଲ ଓ ମନ୍ଦ ମଧ୍ୟରେ ଥିବା ପାର୍ଥକ୍ୟକୁ ଜାଣିନଥିବେ, ତେବେ ଅଲ୍ଲାଃ ତାଲା ନିଶ୍ଚିତ ଭାବରେ ନିଜର କରୁଣା ଦ୍ୱାରା ତାକୁ ବୈକୁଣ୍ଠରେ ପ୍ରବେଶ କରାଇବେ ଯାହା ତା ସାଥିରେ ଅଛି ।

(ସହି ବୁଖାରୀ, ଖଣ୍ଡ-୨, କିତାବୁଲ୍ ଜନାଇୟ, ମୁଦ୍ରଣ ୨୦୦୬ କାଦିଆନ୍)

"ମା ଲହା ମିନ୍ କରାର୍" (୧) ସେ କୌଣସି ଦେଶରେ ତିଷ୍ଠି ରହିପାରିବ ନାହିଁ । ଅର୍ଥାତ ତାକୁ ଏପରି ଅବସର ହିଁ ଦିଆଯାଉ ନାହିଁ ଯେ ତାହାକୁ ପରୀକ୍ଷା କରି ଏ ଜଗତ କୌଣସି ସିଦ୍ଧାନ୍ତରେ ଉପନୀତ ହେବ । ବିନା ଅନୁଶୀଳନରେ ହିଁ ସେ ମରିଯାଏ (୨) ତାହାର ନୀତିକୁ ପରିବର୍ତନ କରିବାର ଆବଶ୍ୟକତା ରହିଆସିଥାଏ । ଇସ୍‌ଲାମ୍ ଆରମ୍ଭରୁ **ଲା ଇଲାହା ଇଲ୍ଲଲ୍ଲାହୁ ମୁହମ୍ମଦୁର୍ ରସୁଲୁଲ୍ଲାହି** କରିଛି ଓ ପରେ ସେଥିରେ କୌଣସି ପରିବର୍ତନ ହୋଇନାହିଁ । କିନ୍ତୁ ମିଥ୍ୟା ଧର୍ମଗୁଡ଼ିକରେ ସିଦ୍ଧାନ୍ତ/ନୀତିକୁ ସର୍ବଦା ବଦଳାଇବାକୁ ପଡ଼ିଥାଏ । ଉଦାହରଣ ସ୍ୱରୁପ ବାହାଇ (ଧର୍ମ)ର ଲୋକମାନଙ୍କୁ ଦେଖନ୍ତୁ । ଇରାନ୍ ଗଲେ ସେଠି ବାହାଇ ଧର୍ମର ଶିକ୍ଷା ଅନ୍ୟ ଏକ ଶୈଳୀରେ ଉପସ୍ଥାପନ କରାଯାଉଅଛି । କାରଣ ସେଠାରେ ଶିହା (ମୁସଲମାନ) ଅଛନ୍ତି । ସୁନ୍ନି (ବହୁଳ) ଦେଶ ଗୁଡ଼ିକରେ ଏହି ଧର୍ମର ଶିକ୍ଷାକୁ ଅନ୍ୟ ଏକ ଶୈଳୀରେ ଉପସ୍ଥାପନ କରାଯାଇଥାଏ । ଆମେରୀକାରେ ଏହାର ନୀତି/ସିଦ୍ଧାନ୍ତ ସମ୍ପୁର୍ଣ୍ଣ ଅଲଗା ଶୈଳୀରେ ଉପସ୍ଥାପନ କରାଯାଉଅଛି ଯାହାକୁ ସେଠିକାର ଲୋକମାନେ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ଥିବେ । ଅତଏବ ଯେବେ ମୁଁ ଇଙ୍ଗିଲସ୍ଥାନ୍ ଗଲି ବାହାଇ ଧର୍ମର ଜଣେ ମହିଳା ମୋ ସହିତ କଥା ହେଲେ । ମୁଁ କହିଲି ବାହାଉଲ୍ଲାଃ କ'ଣ ନୂଆ କଥା କହିଛନ୍ତି ? ସେ କହିଲେ ଯେ ବାହାଉଲ୍ଲାଃ କହିଛନ୍ତି ଯେ ଜଣେ ମହିଳାଙ୍କୁ ବିବାହ କରିବ ଉଚିତ । ମୁଁ କହିଲି ସେ ତ ନିଜେ ଦୁଇଜଣଙ୍କୁ ବିବାହ କରିଥିଲେ । ପ୍ରଥମେ ତ' ସେ ମନା କଲେ, ପୁଣି କହିଲେ ଯେ ତାହା ତାଙ୍କ ଦାବି କରିବା ପୂର୍ବର କଥା । ମୁଁ କହିଲି ନଉଜୁବିଲ୍ଲାଃ (ଅଲ୍ଲାଃଙ୍କ ଶରଣ ଭିକ୍ଷା କରୁଛି) ଯେବେ ସେ ନିଜେ ଈଶ୍ୱର ଥିଲା ତା'ହେଲେ ପୁଣି ପୂର୍ବ ଓ ପରର କୌଣସି ପ୍ରଶ୍ନ ହିଁ ନାହିଁ । ଆଲିମୁଲ୍ ଗଏବ୍ (ଅଦୃଶ୍ୟ ଖବର ରଖିଥିବା) ଅସ୍ତିତ୍ୱ ପାଇଁ ପୂର୍ବ ଓ ପରର କୌଣସି ଅର୍ଥ ରଖେନାହିଁ । ତାଙ୍କର ପ୍ରଥମରୁ ଏ ଜ୍ଞାନ ରହିବା ଉଚିତ ଥିଲା ଯେ ମୁଁ ଆଗକୁ ଯାଇ କ'ଣ ଶିକ୍ଷା ଦେବି । ସ୍ୱୟଂ ସେ ଦାବି କରିବା ପରେ ନିଜର ପୁତ୍ର ଅବାସ୍‌କୁ ଦୁଇଟି ପତ୍ନୀ ରଖିବ ପାଇଁ ଅନୁମତି ଦେଇଛନ୍ତି କାରଣ ତା'ର ସନ୍ତାନ ନଥିଲେ । ଏହା ଶୁଣି ସେହି ମହିଳାଙ୍କ କାନରେ ଜଣେ ଇରାନୀ ବାହାଇ ମହିଳା, ଯିଏ ଇରାନ୍‌ର ଥିଲେ, ଧିରେ କହିଲେ ଯେ ଦ୍ୱିତୀୟ ସ୍ତ୍ରୀକୁ ବାହାଉଲ୍ଲାଃ ଭଉଣୀ ବନାଇ ଦେଇଥିଲେ ଏବଂ ତାଙ୍କର ସେହି କଥାକୁ ଅଂଗ୍ରେଜ ମହିଳା ଜଣକ ପୁନରାବୃତି କରିଦେଲେ । ଏଥିରେ ମୁଁ କହିଲି ଯେ ବାହାଉଲ୍ଲାଃର ଦାବି ପରେ ତା' ଦୁଇଜଣ ପତ୍ନୀଙ୍କଠାରୁ ସନ୍ତାନ ଜନ୍ମ ହୋଇଛନ୍ତି । କ'ଣ ଭୁଉଣୀଠାରୁ ସନ୍ତାନ ଜନ୍ମ କରାଯାଇଥିଲା ? ଏଥିରେ ସେ ଆଶ୍ଚର୍ଯ୍ୟ ହୋଇ ନିଜ ସାଙ୍ଗକୁ ପଚାରିଲେ ଯେ କ'ଣ ଦାବି ପରେ ଦ୍ୱିତୀୟ ପତ୍ନୀଙ୍କଠାରୁ ସନ୍ତାନ ଜନ୍ମ ହେଉଥିଲେ ? ଯେତେବେଳେ ତାଙ୍କ ସାଙ୍ଗ କହିଲେ ହଁ, ସେତେବେଳେ ମଜ୍‌ଲିସ୍‌ରେ ଥିବା ସମସ୍ତେ ହସିବାକୁ ଲାଗିଲେ ଯେ ଏବେ ତ ଭଉଣୀ ବୋଲି ଅଭିହିତ କରିଥିଲେ ଓ ଏବେ ତା'ଠାରୁ ସେହି ସମୟରେ ସନ୍ତାନ ଜନ୍ମ ହେବା କଥା ମଧ୍ୟ ମାନି ନେଲେ । ସୁତରାଂ ବାହାଇ ଧର୍ମର ଲୋକମାନେ ପ୍ରତ୍ୟେକ ଦେଶରେ ଯାଇ ଅଲଗା କାନୁନ୍ ତିଆରି କରିଛନ୍ତି । ଏହ ଅନୁରୂପ ଅବସ୍ଥା ମଧ୍ୟ ଖ୍ରୀଷ୍ଟିଆନ୍ ମାନଙ୍କର ରହିଛି । ସୁତରାଂ ତାଙ୍କର ମିଶ୍‌ନାରୀ ପୁସ୍ତକରେ ଖୋଲା ଖୋଲି ଭାବରେ ତର୍କବିତର୍କ ଜାରି ରହିଛି ଯେ ପ୍ରତ୍ୟେକ ସମ୍ପ୍ରଦାୟ ସମ୍ମୁଖରେ କୌଣସି ପ୍ରକାରେ ମଧ୍ୟ ମସିହ୍ (ଯୀଶୁ) ଆ:ସଙ୍କୁ ଉପସ୍ଥାପନ କରିବା ଉଚିତ । ଖ୍ରୀଷ୍ଟିଆନ୍ ଧର୍ମର ପ୍ରାରମ୍ଭିକ ସମୟରେ ମଧ୍ୟ ରୋମର ଅଧିବାସୀମାନେ ଯେବେ ଏ ଦାବି କଲେ ଯେ ସବତ୍ ଶନିବାର ପରିବର୍ତେ ରବିବାର ଦିନ ପାଳନ କରାଯାଉ, ସେତେବେଳେ ଖ୍ରୀଷ୍ଟିୟାନମାନେ ଶନିବାର ପରିବର୍ତେ ରବିବାର ଦିନ ସବତ୍ ପାଳନ ହେବ ବୋଲି ଘୋଷଣା କରିଦେଲେ । ଏହାର ବିପରୀତରେ ଇସ୍‌ଲାମ୍‌କୁ ଦେଖନ୍ତୁ ଆରମ୍ଭରୁ ନେଇ ଏପର୍ଯ୍ୟନ୍ତ ସମସ୍ତ ଶିକ୍ଷା ଗୋଟିଏ ମୂଳ ସ୍ଥାନରେ ପ୍ରତିଷ୍ଠିତ ରହିଛି ନା କମ୍ କରିବାର ଆବଶ୍ୟକ ନା ଅଧିକା କରିବାର ଆବଶ୍ୟକ । ***(ତଫ୍‌ସୀର୍ କବୀର୍, ଖଣ୍ଡ-୩, ପୃ-୪୭୬.....୨୦୧୦ କାଦିଆନ୍)***

ପୃଷ୍ଠା- ୦୧ ର ଅବଶିଷ୍ଟାଂଶ .....

ଗୋଷ୍ଠୀକୁ ଆମନ୍ତ୍ରଣ କରିଥାଏ, ତେଣୁ ସେ ଏପରି ପରିସ୍ଥିତିରେ ନିମନ୍ତ୍ରଣ କରାଯାଇଥିବା ସେହି ଗୋଷ୍ଠୀର (ସଂଖ୍ୟା) ଅନୁସାରେ ଖାଦ୍ୟ ମଧ୍ୟ ପ୍ରସ୍ତୁତ କରିଥାଏ ଏବଂ ତା' ଅନୁସାରେ ଗୋଟିଏ ଘରର ବନ୍ଦୋବସ୍ତ ମଧ୍ୟ କରିଥାଏ । ଏପରି କେବେ ବି ହୋଇ ନ ପାରେ ଯେ ସେ ଏକ ହଜାର ଲୋକଙ୍କୁ (ଦାଓ୍ୱତ୍) ଆମନ୍ତ୍ରଣ ତ' କରିଥିବ ଓ ସେମାନଙ୍କର ବସିବା ପାଇଁ ଗୋଟିଏ ଛୋଟିଆ କୁଟୀର ତିଆରି କରିଥିବ । ନୁହେଁ । ବରଂ ସେ ସେହି ସଂଖ୍ୟା ପ୍ରତି ଧ୍ୟାନ ଦେବ । ସେହିପରି ଈଶ୍ୱରଙ୍କ ପୁସ୍ତକ ମଧ୍ୟ ଏକ ନିମନ୍ତ୍ରଣ ଓ ଭୋଜି ସଦୃଶ । ଯାହା ପାଇଁ ସାରା ଦୁନିଆକୁ ଆମନ୍ତ୍ରଣ କରାଯାଇଅଛି । ଏହି ନିମନ୍ତ୍ରଣ ପାଇଁ ଈଶ୍ୱର ଯେଉଁ ଘର ତିଆରି କରିଛନ୍ତି, ତାହା ହେଉଛି ସେହି ଶକ୍ତି/ସାମର୍ଥ୍ୟ, ଯାହା ସେହି ଲୋକମାନଙ୍କୁ ଦିଆଯାଇଅଛି । ଶକ୍ତି ବିନା କୌଣସି କାମ ହୋଇପାରେ ନାହିଁ । ଏବେ ଯଦି ବଳଦ, କୁକୁର ବା ଅନ୍ୟ କୌଣସି ପଶୁଙ୍କ ସମ୍ମୁଖରେ ପବିତ୍ର କୁର୍‌ଆନ୍‌ର ଶିକ୍ଷାକୁ ଉପସ୍ଥାପନ କରିବେ, ସେମାନେ ବୁଝିପାରିବେ ନାହିଁ । ଏହା ଏଥିପାଇଁ କି, ସେମାନଙ୍କ ମଧ୍ୟରେ ଏପରି ଶକ୍ତି/ସାମର୍ଥ୍ୟ ନାହିଁ, ଯାହା ପବିତ୍ର କୁର୍‌ଆନ୍‌ର ଶିକ୍ଷାକୁ ବହନ କରିପାରିବ କିନ୍ତୁ ଅଲ୍ଲାଃ ତାଲା ଆମକୁ ଏପରି ଶକ୍ତି/ସାମର୍ଥ୍ୟ ଦେଇଛନ୍ତି ଯାହା ସାହାଯ୍ୟରେ ଆମେ ସେଥିରୁ ଲାଭ ଉଠାଇପାରିବା । ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୩୧୦-୩୧୧ ମୁଦ୍ରଣ ପ୍ରକାଶନ ୨୦୧୮ କାଦିୟାନ)***

꣼꣼꣼꣼꣼꣼꣼꣼꣼꣼

ପୃଷ୍ଠା- ୧୦ ର ଅବଶିଷ୍ଟାଂଶ .....

ମଧ୍ୟ ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶଗୁଡ଼ିକରେ ମଧ୍ୟ ରହିଛି ଯେ, ଏଠାରେ ଧର୍ମିୟ ସ୍ୱାଧିନତା ମିଳୁଅଛି । ଏବଂ ଯେ ପର୍ଯ୍ୟନ୍ତ ଏହି ଧର୍ମିୟ ସ୍ୱାଧିନତା କାଏମ୍ ରହିବ ଏଠାରେ ଶାନ୍ତି ମଧ୍ୟ କାଏମ୍ ରହିବ ଓ ଦେଶ ଉନ୍ନତି ମଧ୍ୟ କରିଚାଲିବ ।

ହଜୁର ଅନୱର ଅ:ବ:ଅ କହିଲେ: ଜଣେ ପାର୍ଲାମେଂଟ ମେମ୍ବର ଏକଥା କହିଲେ ଯେ, ମସ୍‌ଜିଦ୍ ହେଉଛି ଏ ଶାନ୍ତି ଚିହ୍ନ ଏବଂ ମସ୍‌ଜିଦ୍‌ର ନିର୍ମାଣରୁ ଏହା ପ୍ରକାଶ ହେଉଅଛି ଯେ, ମୁସଲମାନମାନେ ଏଠାରେ Integret ହେବାକୁ ଚାହୁଁଛନ୍ତି । ନିଶ୍ଚିତ ରୂପେ ମସ୍‌ଜିଦ୍‌ର ନିର୍ମାଣ ଯେଉଁଠି ଆମ ପାଇଁ ଖୁସୀର କାରଣ ହେଉଅଛି ସେଠାରେ ଏକଥା ମଧ୍ୟ ପ୍ରକାଶ ହେଉଅଛି ଯେ, ଆମେ ଏ ଦେଶର ଅଂଶ ବିଶେଷ ଓ ଆପୋଷରେ ମିଳିମିଶି ଏହି ଦେଶକୁ ଉନ୍ନତି କରିବା ପାଇଁ ମଧ୍ୟ ଆମେ ଅଂଶିଦାର ହେବାକୁ ଚାହୁଁଅଛୁ ଏବଂ ଆମ ଧର୍ମର ପ୍ରଥା ଅନୁସାରେ, ନିଜ ଧର୍ମର ଶିକ୍ଷା ମୁତାବକ ଉପାସନା କରି ଏହି ଦେଶର ଉନ୍ନତି ସାଧନ ନିମନ୍ତେ ଯାହା କିଛି ବି ଆମ ଦ୍ୱାରା ହୋଇପାରିବ ତାହା କରିବାକୁ ଚାହୁଁଅଛୁ ଏବଂ କରିବୁ ମଧ୍ୟ ଓ ଏହି ସବୁ କଥାଗୁଡ଼ିକ ହେଉଛି ମସ୍‌ଜିଦ୍ ଗୁଡ଼ିକର ବିଶେଷତା । କାରଣ ପବିତ୍ର କୁର୍‌ଆନ୍ ମଧ୍ୟ ବହୁତ ସ୍ପଷ୍ଟ ଭାବରେ ଏକଥା କହିଛି ଯେ, ମସ୍‌ଜିଦ୍‌କୁ ଆସିବା ପରେ ଯଦି ତୁମେମାନେ ଅନାଥ ମାନଙ୍କ ପ୍ରତି ଧ୍ୟାନ ରଖୁନାହଁ, ମାନବିକ ମୂଲ୍ୟବୋଧର ମାନ ରଖୁନାହଁ, ଅନ୍ୟମାନଙ୍କୁ ଦୁଃଖ ଓ କଷ୍ଟ ପହଂଚାଉଛ ତାହେଲେ ତୁମର ନମାଜ ପାଠ କରିବା, ତୁମର ମସ୍‌ଜିଦ୍‌କୁ ଆସିବା ଏବଂ ଏହି ମସ୍‌ଜିଦ୍ ନିର୍ମାଣ କରିବା ଏହା ସବୁକିଛି ବେକାର । ଅର୍ଥାତ ଏହି ମସ୍‌ଜିଦ୍‌ର ନିର୍ମାଣ ଆମକୁ ଏକଥା ପ୍ରତି ଧ୍ୟାନ ଆକର୍ଷଣ କରାଉଛି ଯେ, ଆମେ ଏହାର ନିର୍ମାଣ ସଙ୍ଗେ ସଙ୍ଗେ ଯେଉଁଠି ଈଶ୍ୱରଙ୍କ ଉପାସନାରେ ଆଗକୁ ବଢ଼ିବା ଉଚିତ ସେଠି ଜଣେ ଅନ୍ୟ ଜଣଙ୍କ ଆବେଗ ର ମଧ୍ୟ ଖିଆଲ୍ ରଖିବା ଉଚିତ । ସେ କୌଣସି ଧର୍ମର ହୋଇଥାଉ ବା ତା'ର କୌଣସି ଧର୍ମ ନଥାଉ, ତାହାର ଆବେଗର ସମ୍ମାନ ରଖିବା ଉଚିତ । ଏବଂ ଧର୍ମିୟ ମତଭେଦକୁ ସାମନାକୁ ଆଣିବା ପରିବର୍ତେ ଯାହା କିଛି ଆମମାନଙ୍କ ମଧ୍ୟରେ ସମାନତା ରହିଛି, ତାହାକୁ ସମ୍ମୁଖକୁ ଆଣିବାକୁ ହେବ ଯଦ୍ୱାରା ଆମେ ଏକ ହୋଇ କାମ କରିପାରିବା ଏବଂ ଦେଶ ଓ ଜାତିର ସୁଧାର ନିମନ୍ତେ କାମ କରିପାରିବା ।

ହଜୁର ଅନୱର ଅ:ବ:ଅ କହିଲେ: ଏହା କହିବା ପରେ ମୁଁ ଅହେମଦୀମାନଙ୍କୁ ମଧ୍ୟ ଏହି ଉପଦେଶ ଦେବାକୁ ଚାହିଁବି ଯେ, ଏହି ମସ୍‌ଜିଦ୍‌ଟି ତିଆରି ହେବା ପରେ ଏବେ ଆପଣମାନେ, ଯେଉଁମାନେ ଏହି ଇଲାକାରେ ବସବାସ କରୁଛନ୍ତି, ସେମାନଙ୍କର ଦାୟିତ୍ୱ ଆହୁରି ଅଧିକ ବଢ଼ିଯାଇଛି । ଏବେ ଆପଣମାନେ ପୂର୍ବାପେକ୍ଷା ଅଧିକ ଏ କଥା ପ୍ରକାଶ କରିବେ ଯେ, ଆପଣମାନେ ହେଉଛନ୍ତି ଏ ଦେଶ ଓ ଜାତିର ୱଫାଦାର (ଭକ୍ତ) । ଆପଣମାନେ ଚାରିତ୍ରିକ ମୂଲ୍ୟବୋଧକୁ ପ୍ରକାଶ କରିବେ ଓ ଏହି ଚରିତ୍ରଗୁଡ଼ିକୁ ନିର୍ବାହ କରିବେ । ପ୍ରତ୍ୟେକ ଅହେମଦୀଙ୍କ ନିକଟରୁ ପୂର୍ବଠାରୁ ଅଧିକା ଏକଥା ମଧ୍ୟ ପ୍ରକାଶ ହେବା ଉଚିତ ଯେ, ଆମେ ଏବେ ଏଠାରେ ପ୍ରେମ, ସ୍ନେହ, ସୁଲାହ୍, ସୌହାର୍ଦ୍ଦ୍ୟର ବାତାବରଣ କାଏମ୍ କରିବୁ । ଅଲ୍ଲାଃ ତାଲା ଆପଣମାନଙ୍କୁ ଏହା କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆପଣ ସମସ୍ତଙ୍କୁ ଧନ୍ୟବାଦ ।

ହଜୁର ଅନୱର ଅ:ବ:ଅଙ୍କର ଏହି ଅଭିଭାଷଣ ସଂଧ୍ୟା ୬:୧୦ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ତା'ପରେ ହଜୁର ଦୁଆ କରାଇଲେ ଓ ଏହି ନୀରବ ପ୍ରାର୍ଥନା ଚାଲିଥିବା ସମୟରେ ଅତିଥିମାନେ ନିଜ ନିଜ ଶୈଳୀରେ ପ୍ରାର୍ଥନା କଲେ । ତା'ପରେ ଉପସ୍ଥିତ ଅତିଥିମାନେ ହଜୁର ଅନୱର ଅ:ବ:ଅଙ୍କ ସହିତ ରାତ୍ର ଭୋଜନ କଲେ ।

କ୍ରମଶଃ.....

ଜରୁରୀ ଘୋଷଣା

ହଜୁର ଅନୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)

: ଖୁତ୍‌ବା ଜୁମା :

ହଜ୍‌ରତ୍ ଉମର ର:ଅ ସେହି ମହାନ ସମ୍ମାନୀୟ ବ୍ୟକ୍ତି ଥିଲେ ଯାହାଙ୍କ ନ୍ୟାୟ ବିଚାରର ଦୃଷ୍ଟାନ୍ତ ଏ ପୃଥିବୀରେ ବହୁତ କମ ମିଳିଥାଏ । (ମୁସ୍‌ଲେହ୍ ମଉଦ୍ ର:ଅ)

ଯେବେ ମୁଁ ମୋ ପାଳନକର୍ତାଙ୍କ ସହିତ ସାକ୍ଷାତ କରିବି ଓ ସେ ଯେତେବେଳେ ମତେ ପଚାରିବେ ମୁଁ ଉତର ଦେବି ଯେ ମୁଁ ତୁମ ଭକ୍ତମାନଙ୍କ ମଧ୍ୟରୁ ଜଣେ ଉତମ ବ୍ୟକ୍ତିଙ୍କୁ ଖଲିଫା ନିଯୁକ୍ତ କରିଛି । (ହଜ୍‌ରତ୍ ଅବୁବକର ର:ଅ)

''ହଜ୍‌ରତ୍ ଉମର୍ ର:ଅଙ୍କ କ୍ରୋଧ ସମ୍ବନ୍ଧରେ ଆସିଛି ଯେ କେହି ଜଣେ ତାଙ୍କୁ ପଚାରିଲେ ଯେ ଆପଣ ଇସ୍‌ଲାମ୍ ଗ୍ରହଣ କରିବା ପୂର୍ବରୁ ବହୁତ କ୍ରୋଧି ଥିଲେ । ହଜ୍‌ରତ୍ ଉମର ର:ଅ ଉତର ଦେଲେ ଯେ ଏବେ ତ' ସେହି କ୍ରୋଧ ଅଛି କିନ୍ତୁ ତାହା ପୂର୍ବେ ଲକ୍ଷହିନ ଭାବରେ ହେଉଥିଲା କିନ୍ତୁ ଏବେ ସଠିକ ବ୍ୟବହାର ହେଉଅଛି'' । (ହଜ୍‌ରତ୍ ମସିହ୍ ମଉଦ୍ ଆ:ସ)

ଯେବେ ହଜ୍‌ରତ୍ ଉମର୍ ର:ଅ ମେମ୍ବର ଉପରେ ଚଢ଼ିଲେ, ସେତେବେଳେ ତାଙ୍କର ପ୍ରଥମ ବାକ୍ୟ ଏହା ଥିଲା । ଅଲ୍ଲାହୁମ୍ମା ଇନ୍ନି ଶଦିଦୁନ୍ ଫଲୟିନି ୱ୍ୱ ଇନ୍ନି ଜଇଫୁନ୍ ଫକଓ୍ୱିନି ୱ୍ୱ ଇନ୍ନି ବଖିଲୁନ୍ ଫସ୍‌ଖଖିନି ଅର୍ଥାତ ହେ ଅଲ୍ଲାଃ ! ମୁଁ କଠୋର ତେଣୁ ତୁମେ ମତେ ନମ୍ର କରିଦିଅ । ମୁଁ ଦୃବଳ ତୁମେ ମତେ ଶକ୍ତିଶାଳୀ କରିଦିଅ । ମୁଁ କୃପର ତେଣୁ ମତେ ଦାନି ବନାଇ ଦିଅ ।

ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ଫାରୁକ୍ ଆଜମ୍
ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅଙ୍କ ଗୁଣଗାରିମାର ବର୍ଣ୍ଣନା

ସାତ ଜଣ ମରହୁନ୍: ମୋକରମା ସୁହୈଲା ମେହ୍‌ବୁବ ସାହିବା ପତ୍ନୀ ଫଏଜ୍ ଅହେମଦ୍ ସାହେବ୍ ଗୁଜ୍‌ରାତି ଦର୍‌ୱେଶ୍ ମରହୁମ୍ ନାଜିର୍ ବୟତୁଲ୍ ମାଲ୍, ମୋକରମା ରାଜା ଖୁର୍ଶୀଦ୍ ଅହେମଦ୍ ମୁନୀର୍ ସାହେବ ମୁରବୀ ସିଲ୍‌ସିଲା, ମୋକରମ ଜମିର୍ ଅହେମଦ୍ ନଦିମ୍ ସାହେବ୍ ମୁରବୀ ସିଲ୍‌ସିଲା, ମୋକରମା ଇସା ମୁଆକି ତଲିମା ସାହେବ୍ ନ୍ୟାଶ୍‌ନାଲ୍ ନାଏବ୍ ଅମୀର୍ ତାଞ୍ଜାନିଆ, ମେକାରମ୍ ଶେଖ୍ ମୋବଶିର୍ ଅହେମଦ୍ ସାହେବ୍ ସୁପର୍ ଭାଇଜର ନିଜାମତ୍ ତାମିରାତ୍ କାଦିଆନ୍, ମୋକରମ୍ ସୈଫ୍ ଅଲୀ ସାହେବ୍ ସିଡ୍‌ନୀ ଅଷ୍ଟ୍ରେଲିଆ ଏବଂ ମୋକରମ୍ ମସ୍‌ଉଦ୍ ଅହ୍‌ମଦ୍ ହୟାତ ସାହେବଙ୍କ ସୁଗୁଣାବଳୀର ଚର୍ଚ୍ଚା ଓ ନମାଜ୍ ଯନାଜାଃ ଗାଏବ୍ ପାଠ ।

ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
(ପ୍ରଦତ୍: ୧୮ ଜୁନ ୨୦୨୧ ଅନୁଯାୟୀ ୧୮ ଏହ୍‌ସାନ୍ ୧୪୦୦ ହିଜ୍‌ରି ଶମ୍‌ସି)

ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ବିଗତ ଖୁତ୍‌ବାରେ ହଜ୍‌ରତ୍ ଉମର୍ ର:ଅଙ୍କର ଜୀବନୀ ଚର୍ଚ୍ଚା ଚାଲିଥିଲା । ଯେତେବେଳେ ହଜ୍‌ରତ୍ ଅବୁବକର ର:ଅଙ୍କ ବିୟୋଗ ସମୟ ନିକଟତର ହେଲା ସେତେବେଳେ ହଜ୍‌ରତ୍ ଅବୁବକର ର:ଅ ହଜ୍‌ରତ୍ ଅବ୍‌ଦୁର୍ ରହେମାନ୍ ବିନ୍ ଔଫ୍ ଓ ହଜରତ ଉସ୍‌ମାନ୍ ର:ଅଙ୍କୁ ପୃଥକ ପୃଥକ ଭାବେ ଡ଼ାକି ହଜ୍‌ରତ୍ ଉମର୍ ର:ଅଙ୍କ ପ୍ରସଙ୍ଗରେ ପ୍ରଶ୍ନ କଲେ । ପ୍ରତ୍ୟୁତରରେ ହଜ୍‌ରତ୍ ଅବ୍‌ଦୁର୍ ରହେମାନ୍ ବିନ୍ ଔଫ୍ ର:ଅ କହିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତାବହଙ୍କ ଖଲିଫା ! ମୁଁ ପରମେଶ୍ୱରଙ୍କ ଶପଥ କରି କହୁଛି ! ହଜ୍‌ରତ୍ ଉମର୍ ର:ଅ ଆପଣଙ୍କ ପ୍ରସ୍ତାବ ଅପେକ୍ଷା ସର୍ବୋତମ ବ୍ୟକ୍ତି ଅଟନ୍ତି । କିନ୍ତୁ ତାଙ୍କ ସ୍ୱଭାବରେ ଟିକିଏ କଠୋରତା ରହିଛି । ହଜ୍‌ରତ୍ ଅବୁବକର ର:ଅ କହିଲେ ତାଙ୍କ ସ୍ୱଭାବରେ କଠୋରତା ଏଥିପାଇଁ ଯେ, ସେ ମୋତେ ବିନମ୍ର ବ୍ୟକ୍ତି ବୋଲି ମନେ କରନ୍ତି । କିନ୍ତୁ ଯେତେବେଳେ ସେ ଅମୀର୍ ହେବେ ସେତେବେଳେ ତାଙ୍କର ଏହିଭଳି ଯେଉଁ ତ୍ରୁଟିଗୁଡ଼ିକ ରହିଛି ତାହାକୁ ସେ ସଂପୂର୍ଣ୍ଣ ରୂପେ ପରିତ୍ୟାଗ କରିଦେବେ । କାରଣ ମୁଁ ତାଙ୍କୁ ଦେଖିଛି ଯେ ଯେତେବେଳେ ମୁଁ କାହା ଉପରେ କଠୋର ମନୋଭାବ ପୋଷଣ କରିଥାଏ ସେତେବେଳେ ସେ ମତେ ସେହି ବ୍ୟକ୍ତିଙ୍କ ଜରିଆରେ ସନ୍ତୁଷ୍ଟ କରାଇବା ପାଇଁ ଚେଷ୍ଟା କରିଥାନ୍ତି ଏବଂ ଯେବେ ମୁଁ କାହା ସହିତ ନମ୍ର ବ୍ୟବହାର କରିଥାଏ, ସେତେବେଳେ ସେ ମତେ କଠୋର ହେବା ପାଇଁ କହିଥାନ୍ତି । ଏହାପରେ ହଜ୍‌ରତ୍ ଅବୁବକର ର:ଅ ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅଫ୍‌ଫାନ୍ ର:ଅଙ୍କୁ ଡ଼ାକିଲେ ଏବଂ ତାଙ୍କୁ ହଜ୍‌ରତ୍ ଉମର୍ ର:ଅଙ୍କ ପ୍ରସଙ୍ଗରେ ପଚାରିଲେ । ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ ଯେ, ହଜ୍‌ରତ୍ ଉମର୍ ର:ଅଙ୍କ ମନ ତାଙ୍କ ବାହ୍ୟ ଅପେକ୍ଷା ଅଧିକ ସୁନ୍ଦର ଏବଂ ଆମମାନଙ୍କ ମଧ୍ୟରେ ତାଙ୍କ ପରିକା କେହି ନାହାନ୍ତି । ତା'ପରେ ହଜ୍‌ରତ୍ ଅବୁବକର ର:ଅ ଏହି ଦୁଇଜଣ ସାହାବିଙ୍କୁ କହିଲେ: ଯାହା କିଛି ମୁଁ ତୁମ ଦୁଇଜଣଙ୍କୁ କହିଲି, ସେ କଥା ଅନ୍ୟ କାହାକୁ କହିବ ନାହିଁ । ଯଦି ମୁଁ ଉମର୍‌ଙ୍କୁ ଛାଡୁଛି ତା'ହେଲେ ଉସ୍‌ମାନ୍‌ଙ୍କଠାରୁ ଆଗକୁ ଯାଇପାରୁନାହିଁ (ଅର୍ଥାତ ଅବୁବକର ର:ଅଙ୍କ ନିକଟରେ ହଜ୍‌ରତ୍ ଉମର୍ ର:ଅ ଓ ହଜ୍‌ରତ୍ ଉସ୍‌ମାନ୍ ର:ଅ ଦୁଇଜଣଯାକ ଏପରି ବ୍ୟକ୍ତି ଥିଲେ ଯେଉଁମାନେ ଖିଲାଫତ୍‌ର ଦାୟିତ୍ୱକୁ ତୁଲାଇ ପାରିବେ) ଏବଂ ତାଙ୍କୁ ଏ ଅଧିକାର ରହିବ ଯେ ସେ ତୁମ ବିଷୟରେ କିଛି ଅବହେଳା ନ କରିବେ । ଏବେ ମୋର ଏ ଇଚ୍ଛା ଯେ ମୁଁ ତୁମର କାର୍ଯ୍ୟରୁ ଅଲଗା ହୋଇଯିବି ଓ ତୁମ ପୂର୍ବ ପୁରୁଷମାନଙ୍କ ମଧ୍ୟରେ ସାମିଲ ହୋଇଯିବି । ହଜ୍‌ରତ୍ ଅବୁବକର ର:ଅଙ୍କ ରୋଗଶଯ୍ୟାର ଦିନଗୁଡ଼ିକରେ ହଜ୍‌ରତ୍ ତଲ୍‌ହା ବିନ୍ ଉବୈଦୁଲ୍ଲାଃ ହଜ୍‌ରତ୍ ଅବୁବକର ର:ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ହଜ୍‌ରତ୍ ଅବୁବକର୍ ର:ଅଙ୍କୁ କହିଲେ ଯେ ଆପଣ ହଜ୍‌ରତ୍ ଉମର୍ ର:ଅଙ୍କୁ ଲୋକମାନଙ୍କ ଉପରେ ଖଲିଫା ବନାଇ ଦେଲେ, ଯେବେ କି ଆପଣ ଏକଥା ଦେଖୁଛନ୍ତି ଯେ ସେ ଆପଣଙ୍କ ଉପସ୍ଥିତିରେ ଲୋକମାନଙ୍କ ସହିତ କିଭଳି ବ୍ୟବହାର କରୁଛନ୍ତି । ସେତେବେଳେ କ'ଣ ଅବସ୍ଥା ହେବ ଯେତେବେଳେ ସେ ଏକୁଟିଆ ଶାସନ କରିବେ ? ପୁଣି ସେ କହିଲେ ଯେ, ଯେତେବେଳେ ଆପଣ ନିଜର ପାଳନକର୍ତାଙ୍କୁ ସାକ୍ଷାତ କରିବେ ଏବଂ ଅଲ୍ଲାଃ ତାଲା ଆପଣଙ୍କୁ ଆପଣଙ୍କ ପ୍ରଜାପାଳନ ସମ୍ପର୍କରେ ଅବଶ୍ୟ ପ୍ରଶ୍ନ କରିବେ । ହଜ୍‌ରତ୍ ଅବୁବକର ର:ଅ କହିଲେ ! କ'ଣ ତୁମେ ମୋତେ ଅଲ୍ଲାଃ ତାଲାଙ୍କ ଠାରୁ ଭୟଭୀତ କରାଉଛ ? ଯେତେବେଳେ ମୁଁ ନିଜର ପାଳନକର୍ତାଙ୍କୁ ସାକ୍ଷାତ କରିବି ସେତେବେଳେ ଯଦି ସେ ମୋତେ ଏହି ପ୍ରଶ୍ନ କରନ୍ତି ତାହାହେଲେ ମୁଁ ତାଙ୍କୁ ଏହି ଉତର ଦେବି ଯେ, ମୁଁ ତୁମ୍ଭ ଭକ୍ତମାନଙ୍କ ମଧ୍ୟରୁ ସର୍ବୋତ୍କୃଷ୍ଟ ବ୍ୟକ୍ତିଙ୍କୁ ତୁମ୍ଭ ଭକ୍ତଙ୍କ ଉପରେ ଖଲିଫା ରୂପେ ମନୋନୀତ କରିଆସିଛି । ପୁଣି ହଜ୍‌ରତ୍ ଅବୁବକର ର:ଅ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଅଲଗା ଡ଼ାକିଲେ କାରଣ ସେ ହଜ୍‌ରତ୍ ଉମର୍ ର:ଅଙ୍କ ସମ୍ବନ୍ଧରେ ୱସିୟତ୍ ଲେଖାଇବେ । ତା'ପରେ କହିଲେ **ବିସ୍‌ମିଲ୍ଲାହିର୍ ରହ୍‌ମାନିର୍ ରହିମ୍** ଲେଖ ଏହି ୱସିୟତ୍ ଅବୁବକର ବିନ୍ ଅବୁ କାହାଫାଙ୍କ ତରଫରୁ ମୁସଲମାନମାନଙ୍କ ପାଇଁ ଲେଖାଯାଇଅଛି । ଏତିକି କହିବା ପରେ ହଜ୍‌ରତ୍ ଅବୁବକର ର:ଅ ବେହୋସ୍ ହୋଇଗଲେ ତେଣୁ ହଜ୍‌ରତ୍ ଉସ୍‌ମାନ୍ ର:ଅ ନିଜ ତରଫରୁ ଲେଖିଦେଲେ ଯେ ମୁଁ ତୁମମାନଙ୍କ ଉପରେ ଉମର୍ ବିନ୍ ଖତାବ୍ ର:ଅଙ୍କୁ ଖଲିପା ନିଯୁକ୍ତ କଲି ଓ ମୁଁ ତୁମମାନଙ୍କ ସମ୍ବନ୍ଧରେ ଉତମ ପନ୍ଥା ବାଛିବାରୁ ଉଣା କରିନାହିଁ । ପୁଣି ହଜ୍‌ରତ୍ ଅବୁବକର ର:ଅଙ୍କର ହୋସ୍ ଆସିଗଲା । ସେ କହିଲେ ମତେ ଏହା ପଢ଼ି

ଶୁଣାଅ ଯେ ଏଥିରେ କ'ଣ ଲେଖା ହୋଇଛଇ । ହଜ୍‌ରତ୍ ଉସ୍‌ମାନ୍ ର:ଅ ଶୁଣାଇଲେ । ହଜ୍‌ରତ୍ ଅବୁବକର ର:ଅ **ଅଲ୍ଲାହୁ ଅକ୍‌ବର୍** କହିଲେ ଏବଂ ଏହା ବ୍ୟକ୍ତ କଲେ ଯେ କ'ଣ ତୁମେ ଡ଼ରିଗଲ କି ମୁଁ ଏହି ବେହୋସ୍ ଅବସ୍ଥାରେ କାଳେ ମରିଯିବି ଓ ଲୋକମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଯିବ । ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ ହଁ ଆପଣ ଠିକ୍ କହୁଛନ୍ତି । ଏଥିରେ ଅବୁବକର ର:ଅ କହିଲେ ଅଲ୍ଲାଃ ତୁମକୁ ଇସ୍‌ଲାମ୍ ଏବଂ ମୁସଲମାନମାନଙ୍କର ତରଫରୁ ପୂଣ୍ୟଫଳ ପ୍ରଦାନ କରନ୍ତୁ । ***(ଅଲ୍‌କାମିଲ୍ ଫିଲ୍ ତାରିଖ୍ ଲେ ଇବ୍‌ନେ ଅସିର୍, ଖଣ୍ଡ-୨, ପୃ-୨୭୨-୨୭୩, ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ଲେବନାନ୍ ୨୦୦୩)***

ହଜ୍‌ରତ୍ ଉସ୍‌ମାନ୍ ର:ଅ ହଜ୍‌ରତ୍ ଉମର୍ ର:ଅଙ୍କ ସମ୍ବନ୍ଧରେ ଖଲିଫା ହେବାପାଇଁ ଯେଉଁ ବାକ୍ୟଟିକୁ ନିଜ ଆଡୁ ଲେଖିଥିଲେ, ସେଥିରେ ହଜ୍‌ରତ୍ ଅବୁବକର୍ ର:ଅ କୌଣସି ଆପତି କଲେ ନାହିଁ । ତାରିଖେ ତିବ୍‌ରିରେ ଲେଖା ଅଛି ଯେ ମୁହମ୍ମଦ୍ ବିନ୍ ଇବ୍ରାହିମ୍ ବିନ୍ ହାରିସ୍ ବର୍ଣ୍ଣନା କରିଛନ୍ତି ଯେ ହଜ୍‌ରତ୍ ଅବୁବକର୍ ର:ଅ ହଜ୍‌ରତ୍ ଉସମାନ୍ ର:ଅଙ୍କୁ ଅଲଗା ଡ଼ାକିଲେ ଓ କହିଲେ **ବିସ୍‌ମିଲ୍ଲାହିର୍ ରହ୍‌ମାନିର୍ ରହିମ୍** ଲେଖ । ଏହି ଶପଥ ପାଠଟି ହଜରତ ଅବୁବକର ବିନ୍ ଅବୁ କାହାଫା ତରଫରୁ ମୁସଲମାନମାନଙ୍କ ନିମନ୍ତେ ଉଦ୍ଦିଷ୍ଟ । ରାଓ୍ୱି କହୁଛନ୍ତ:- ତା'ପରେ ହଜ୍‌ରତ୍ ଅବୁବକର ର:ଅ ବୋହୋସ୍ ହୋଇଗଲେ । ତା'ପରେ ଯେବେ ଚେତା ଫେରିଲା ହଜ୍‌ରତ୍ ଉସ୍‌ମାନ୍ ର:ଅ ତାହା ପଢ଼ି ଶୁଣାଇଲେ । ତାହା ଶୁଣି ହଜ୍‌ରତ୍ ଅବୁବକର୍ ର:ଅ **ଅଲ୍ଲାହୁ ଅକ୍‌ବର** କହିଲେ । ପୁଣି କହିଲେ ଅଲ୍ଲାଃ ତୁମକୁ ଇସ୍‌ଲାମ୍ ଏବଂ ମୁସଲମାନମାନଙ୍କ ତରଫରୁ ପୂଣ୍ୟଫଳ ପୁରସ୍କାର ଦିଅନ୍ତୁ, ପୁଣି ହଜ୍‌ରତ୍ ଅବୁବକର୍ ର:ଅ ସେହି ଲେଖାକୁ ସେହିପରି ରହିବାକୁ ଦେଲେ, ସେଥିରେ କିଛି ପରିବର୍ତନ କଲେ ନାହିଁ । ***(ତାରିଖେ ତିବ୍‌ରୀ ଖଣ୍ଡ-୨, ପୃ-୩୫୩, ୧୩ ହିଜ୍‌ରୀ.... ବେରୁତ ୧୯୮୭)***

ଆଉ ଏକ ରିଓ୍ୱାୟତ୍ ରହିଛି ଯେ, ହଜ୍‌ରତ୍ ଅବୁବକର୍ ର:ଅ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଡ଼କାଇ କହିଲେ ଯେ ମତେ ପରାମର୍ଶ ଦିଅ କି ମୋ ଅନ୍ତେ କିଏ ଖଲିଫା ହେବେ । ଅଲ୍ଲାଃଙ୍କ ରାଣ ! ମୋ ନିକଟରେ ତୁମେ ହେଉଛ ଉତମ ପରାମର୍ଶଦାତା । ଏହା ଶୁଣି ସେ କହିଲେ ହଜ୍‌ରତ୍ ଉମର୍ ର:ଅ । ହଜ୍‌ରତ୍ ଅବୁବକର୍ ର:ଅ କହିଲେ ଏହା ଲେଖନ୍ତୁ । ହଜ୍‌ରତ୍ ଉସମାନ୍ ର:ଅ ଲେଖିବାକୁ ଲାଗିଲେ ଏପରି କି ନାମ ନିକଟରେ ପହଂଚୁ ପହଂଚୁ ହଜ୍‌ରତ୍ ଅବୁବକର୍ ର:ଅ ଅଚେତ ହୋଇଗଲେ । ପୁଣି ଯେତେବେଳେ ତାଙ୍କର ଚେତା ଫେରିଲା, କହିଲେ ଉମରଙ୍କ ନାମ ଲେଖ ।

ପୁଣି ଏକ ରିଓ୍ୱାୟତ ମିଳୁଛି: ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ହଜ୍‌ରତ୍ ଅବୁବକର ର:ଅ ଓ୍ୱସିୟତ୍ ଲେଖାଇବା ସକାଶେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଡ଼ାକିଲେ ସେତେବେଳେ ହଜ୍‌ରତ୍ ଅବୁବକର ର:ଅ ଚେତାଶୂନ୍ୟ ହୋଇପଡ଼ିଲେ । ସେହି କ୍ଷଣି ହଜ୍‌ରତ୍ ଉସ୍‌ମାନ୍ ର:ଅ ଓ୍ୱସିୟତ୍‌ରେ ହଜ୍‌ରତ୍ ଉମର୍ ର:ଅଙ୍କ ନାମ ଉଲ୍ଲେଖ କରିଦେଲେ । ଯେତେବେଳେ ହଜ୍‌ରତ୍ ଅବୁବକର ର:ଅଙ୍କର ଚେତା ଫେରିଲା, ସେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ପଚାରିଲେ ହେ ଉସ୍‌ମାନ୍ ! ଓ୍ୱସିୟତ୍‌ରେ କ'ଣ ଲେଖିଲ ? ପ୍ରତ୍ୟୁତରରେ ହଜ୍‌ରତ୍ ଉସ୍‌ମାନ ର:ଅ କହିଲେ ମୁଁ ଓ୍ୱସିୟତ୍‌ରେ ଉମର୍ ର:ଅଙ୍କ ନାମ ଲେଖିଛି । ସୁତରାଂ ହଜ୍‌ରତ୍ ଅବୁବକର ର:ଅ କହିଲେ ମୁଁ ଯାହା ଆଶା କରିଥିଲି ତୁମେ ତାହା ହିଁ ଉଲ୍ଲେଖ କରିଛ । ଯଦି ଏଠାରେ ତୁମେ ତୁମ ନିଜ ନାମ ମଧ୍ୟ ଲେଖି ଦେଇଥାନ୍ତ, ତା'ହେଲେ ତୁମେ ମଧ୍ୟ ଏହି ଅଧିକାର ପାଇଥାନ୍ତ । ***(ସିରତ୍ ଉମର୍ ବିନ୍ ଖତାବ୍..... ପୃ-୪୪-୪୫....ଅଲ୍‌ମିସ୍‌ରିୟା ଅଲ୍ ଅଜ୍‌ହର୍)***

ଆଉ ଏକ ରିଓ୍ୱାୟତ୍‌ରେ ବର୍ଣ୍ଣିତ ଅଛି ଯେ ଯେବେ ହଜ୍‌ରତ୍ ଅବୁବକର୍ ର:ଅ ବେମାର ପଡ଼ିଲେ, ସେତେବେଳେ ଆପଣ ର:ଅ ହଜ୍‌ରତ୍ ଅଲୀ ର:ଅ ଏବଂ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଓ ମୁହାଜିର୍ ଏବଂ ଅନ୍‌ସାରମାନଙ୍କ ମଧ୍ୟରୁ କିଛି ଲୋକଙ୍କ ନିକଟକୁ ବାର୍ତା ପଠାଇଲେ ଏବଂ କହିଲେ ଯେ ଏବେ ସମୟ ଆସି ଯାଇଛି, ଯାହା ତୁମେମାନେ ଅନୁଭବ କରୁଅଛ ଯେ ତୁମମାନଙ୍କୁ ହୁକୁମ୍ ଦେବା ପାଇଁ କେହି ନାହାନ୍ତି । ଯଦି ତୁମେମାନେ ଚାହୁଁଛ ତା'ହେଲେ ନିଜ ମଧ୍ୟରୁ କାହାକୁ ବାଛି ନିଅ ନଚେତ ଯଦି ତୁମେମାନେ ଚାହିଁବେ ତା'ହେଲେ ମୁଁ ତୁମମାନଙ୍କ ପାଇଁ ବାଛି ନେବି । ସେମାନେ କହିଲେ ଆପଣ ଆମ ପାଇଁ ବାଛି ଦିଅନ୍ତୁ । ଏହା ଶୁଣି ହଜ୍‌ରତ୍ ଅବୁବକର୍ ର:ଅ ହଜ୍‌ରତ୍ ଉସମାନ୍ ର:ଅଙ୍କୁ କହିଲେ ଲେଖ । ଏହା ହେଉଛି ଅବୁବକର ବିନ୍ ଅବୁ କାହାଫାଙ୍କ ତରଫରୁ ଏପରି ଏକ ସତ୍ୟପାଠ ଯାହାକୁ ସେ ଏ ଦୁନିଆରୁ ବିଦାୟ ନେଉଥିବା ସମୟରେ ଶେଷଥର ପାଇଁ କରୁଅଛନ୍ତି ଓ ଆଖିରତ୍ ଅର୍ଥାତ ପରକାଳରେ ପ୍ରବେଶ କରୁଥିବା ସମୟରେ ପ୍ରଥମ ସତ୍ୟପାଠ କରୁଅଛି । ଯେଉଁଠି ଯାଇ ଭ୍ରଷ୍ଟବ୍ୟକ୍ତି ତୌବାଃ କରିବ, କାଫିର୍ (ଅବିଶ୍ୱାସାକାରୀ) ବିଶ୍ୱାସ ଆଣିବ ଏବଂ ମିଛୁଆ ଲୋକ ସତ୍ୟକୁ ଗ୍ରହଣ କରିବ । ସେହି ସତ୍ୟପାଠ ହେଉଛି ଏହା କି ସେ ସାକ୍ଷ୍ୟ ଦେଉଛନ୍ତି ଯେ ଅଲ୍ଲାଃଭ୍‌କ ବ୍ୟତୀତ ଅନ୍ୟ କେହି ଉପାସନାର ପାତ୍ର ନୁହନ୍ତି ଏବଂ ମୁହମ୍ମଦ ସ:ଆ:ସ ହେଉଛନ୍ତି ତାହାଙ୍କ ଭକ୍ତ ଓ ରସୁଲ୍ ଏବଂ ମୁଁ ଖଲିଫା ନିଯୁକ୍ତ କରୁଅଛି । ହଜ୍‌ରତ୍ ଅବୁବକର୍ ର:ଅ ଅଚେତ ହୋଇଗଲେ । ସୁତରାଂ ହଜ୍‌ରତ୍ ଉସମାନ୍ ର:ଅ ସ୍ୱୟଂ ଉମର୍ ବିନ୍ ଖତାବ୍‌ଙ୍କ ନାମ ଲେଖିଦେଲେ । ପୁଣି ଯେତେବେଳେ ହଜ୍‌ରତ୍ ଅବୁବକର୍ ର:ଅଙ୍କୁ ଚେତା ଆସିଲା, ସେ କହିଲେ କ'ଣ ତୁମେ କିଛି ଲେଖିଛ କି ? ହଜ୍‌ରତ୍ ଉସମାନ୍ ର:ଅ କହିଲେ ହଁ ମୁଁ ଉମର୍ ବିନ୍ ଖତାବ୍ ର:ଅଙ୍କ ନାମ ଲେଖିଛି । ଏଥିରେ ହଜ୍‌ରତ୍ ଅବୁବକର୍ ର:ଅ କହିଲେ ଅଲ୍ଲାଃ ତୁମ ଉପରେ କରୁଣା କରନ୍ତୁ । ଯଦି ତୁମେ ନିଜ ନାମ ମଧ୍ୟ ଲେଖି ଦେଇଥାନ୍ତ ତା'ହେଲେ ତୁମେ ମଧ୍ୟ ତାହାର ହକ୍‌ଦାର ହୋଇଥାନ୍ତ । ସୁତରାଂ ତୁମେ ଲେଖିଦିଅ ଯେ ମୁଁ ମୋ ଅନ୍ତେ ଉମର୍ ବିନ୍ ଖତାବ୍ ର:ଅଙ୍କୁ ତୁମମାନଙ୍କ ଖଲିଫା ନିଯୁକ୍ତ କଲି ଏବଂ ମୁଁ ତୁମମାନଙ୍କ ପାଇଁ ତାଙ୍କ ଉପରେ ସନ୍ତୁଷ୍ଟ । ***(ସହି ତାରିଖେ ତିବ୍‌ରୀ, ଖଣ୍ଡ-୩, ପୃ-୧୨୬ ହାଶିୟା..... ଦାରେ ଇବ୍‌ନେ କସିର୍ ଦମଶ୍‌କ୍ ୨୦୦୭)***

ଯେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅ ଏହି ଓ୍ୱସିୟତ୍ ଲେଖିଦେଲେ ସେତେବେଳେ ହଜ୍‌ରତ୍ ଅବୁବକର ର:ଅ କହିଲେ ଏହି ଓ୍ୱସିୟତ୍‌କୁ ଲୋକମାନଙ୍କ ସମ୍ମୁଖରେ ପଢ଼ି ଶୁଣାଇ ଦିଆଯାଉ ସୁତରାଂ ହଜ୍‌ରତ୍ ଉସ୍‌ମାନ୍ ର:ଅ ଲୋକମାନଙ୍କୁ ଏକାଠି କଲେ ଏବଂ ନିଜର ସ୍ୱାଧିନପ୍ରାପ୍ତ ଗୁଲାମ ହାତରେ ଚିଠି ପଠାଇଲେ । ସେତେବେଳେ ହଜ୍‌ରତ୍ ଉମର୍ ର:ଅ ବି ତାଙ୍କ ସାଥିରେ ଥିଲେ । ହଜ୍‌ରତ୍ ଉମର୍ ର:ଅ ଲୋକମାନଙ୍କୁ କହିଲେ ନୀରବ ହୋଇଯାଅ ଏବଂ ରସୁଲୁଲ୍ଲାଃ ସ:ଆ:ସଙ୍କ ଖଲିଫାଙ୍କ କଥା ଶୁଣ କାରଣ ସେ ତୁମମାନଙ୍କ ପାଇଁ ଭଲ ଚିନ୍ତା କରିବାରେ କିଛି ଉଣା କରିନାହାନ୍ତି । ଏହା ଶୁଣି ଲୋକମାନେ ନୀରବ ହୋଇ ବସିପଡ଼ିଲେ । ପୁଣି ଲୋକମାନଙ୍କୁ ଓ୍ୱସିୟତ୍ ପଢ଼ି ଶୁଣାଇଦିଆଗଲା । ସେମାନେ ତାହା ଶୁଣିଲେ ଓ ମାନିନେଲେ । ହଜ୍‌ରତ୍ ଅବୁବକର ର:ଅ ସେତେବେଳେ ଲୋକମାନଙ୍କ ଆଡ଼କୁ ଚାହିଁଲେ ଏବଂ କହିଲେ ମୁଁ ଯେଉଁ ବ୍ୟକ୍ତିଙ୍କୁ ତୁମମାନଙ୍କର ଖଲିଫା ରୂପେ ନିଯୁକ୍ତ କରିଛି କ'ଣ ତୁମେ ଏଥିସଂକ୍ରାନ୍ତରେ ସହମତ ଓ ପ୍ରସନ୍ନ ? କାରଣ ମୁଁ ମୋର କୌଣସି ସଂପର୍କୀୟଙ୍କୁ ତୁମମାନଙ୍କ ଉପରେ ଖଲିଫା ରୂପେ ନିଯୁକ୍ତ କରି ନାହିଁ । ଅଲ୍ଲାଃ ତାଲାଙ୍କର ଶପଥ କରି କହୁଛି ! ମୁଁ ଏ ସଂକ୍ରାନ୍ତରେ ଚିନ୍ତା, ବିଚାର ଓ ଅନୁଶୀଳନ କରିବାରେ କୌଣସି ତ୍ରୁଟି ତଥା ହେଳା କରି ନାହିଁ । ପ୍ରତ୍ୟୁତରରେ ଲୋକମାନେ କହିଲେ ହେ ଅମୀରୁଲ୍ ମୁମିନିନ୍ ! ଆମେମାନେ ଶୁଣିଲୁ ଏବଂ ଆଜ୍ଞା ପାଳନ କଲୁ । ପୁନଶ୍ଚ ହଜ୍‌ରତ୍ ଅବୁବକର ର:ଅ ହଜ୍‌ରତ୍ ଉମର୍ ର:ଅଙ୍କୁ ଡ଼ାକିଲେ ଏବଂ ତାଙ୍କୁ କହିଲେ ଯେ, ମୁଁ ତୁମକୁ ରସୁଲୁଲ୍ଲାଃ ସ:ଆ:ସଙ୍କ ସାହବାମାନଙ୍କ ଉପରେ ଖଲିଫା ରୂପେ ନିଯୁକ୍ତ କରିଛି ଏବଂ ହଜ୍‌ରତ୍ ଅବୁବକର ର:ଅ ହଜ୍‌ରତ୍ ଉମର୍ ର:ଅଙ୍କୁ ଅଲ୍ଲାଃ ତାଲାଙ୍କ ଧର୍ମ ପରାୟଣତା ଅବଲମ୍ବନ କରିବା ପ୍ରତି ଓ୍ୱସିୟତ୍ କଲେ ଏବଂ ଲୋକମାନଙ୍କ ପ୍ରତି ବିନମ୍ର ହେବା ପାଇଁ ଅନୁପ୍ରାଣିତ କଲେ । ପୁଣି ହଜ୍‌ରତ୍ ଅବୁବକର୍ ର:ଅ କହିଲେ ହେ ଉମର୍ ! ନିଶ୍ଚିତ ରୂପେ ଅଲ୍ଲାଃଙ୍କ ପ୍ରତି କିଛି ଅଧିକାର ରହିଛି ଯାହାକୁ ରାତି ସମୟରେ ପ୍ରଦାନ କରାଯାଇଥାଏ । ଯାହାକୁ ସେ ଦିନବେଳା ଗ୍ରହଣ କରନ୍ତି ନାହିଁ । ସେହିପରି କିଛି ଅଧିକାର ଦିନ ସମୟରେ ରହିଛି, ଯାହାକୁ ସେ ରାତି ସମୟରେ ଗ୍ରହଣ କରେନାହିଁ ଏବଂ ଅବଶ୍ୟ ସେ ସେପର୍ଯ୍ୟନ୍ତ ନଓ୍ୱାଫିଲ୍ (ଅର୍ଥାତ ଅତିରିକ୍ତ ପୂଣ୍ୟ)କୁ ଗ୍ରହଣ କରିନଥାଏ ଯେପର୍ଯ୍ୟନ୍ତ ଫରାଏଜ୍ (ଅର୍ଥାତ ଧାର୍ଯ୍ୟ କର୍ତବ୍ୟ) ପୂରଣ ନ କରାଯାଇଛି । ହେ ଉମର୍ ! କ'ଣ ତୁମେ ଦେଖୁନାହଁ ସେହି ଲୋକମାନଙ୍କର ନିକିତି ଭାରି ରହିଛି ଯେଉଁମାନେ ସତ୍ୟର ଅନୁଯାୟୀ ଅଟନ୍ତି । ସେମାନଙ୍କର ନିକିତିର ପଲା କୟାମତ (ପହାପ୍ରଳୟ) ଦିନ ଭାରି ରହିବ । ଅର୍ଥାତ ଯେଉଁମାନେ ସତ୍ୟର ଅନୁସରଣ କରିବେ ସେମାନଙ୍କର ତରାଜୁ କୟାମତ ଦିନ ଭାରି ରହିବ । ପୁଣି ସେ କହିଲେ ତରାଜୁ ପାଇଁ କୟାମତ ଦିନ ଭାରି ରହିବ । ପୁଣି ସେ କହିଲେ ତରାଜୁ ପାଇଁ ଏହା ସତ୍ୟ ଅକ୍ଷୟ ଯେ ଆସନ୍ତାକୁ ସେଥିରେ ସେହି କତା ରଖାଯିବ ଯାହା ଭାରି ହୋଇଥିବ । ହେ ଉମର୍ ! କ'ଣ ତୁମେ ଦେଖୁନାହଁ ଯେ ଯେଉଁ ଲୋକମାନଙ୍କର ତରାଜୁ ହାଲୁକା ସେମାନଙ୍କର ତରାଜୁ କୟାମତ ଦିନ ହାଲୁକା ହେବ । କାରଣ ସେମାନେ ସତ୍ୟର ଅନୁସରଣ କରୁନଥିଲେ । ପୂଣ୍ୟକର୍ମ କରୁନଥିଲେ । ସେଥିଯୋଗୁଁ କୟାମତ ଦିନ ସେମାନଙ୍କ ତରାଜୁ ହାଲୁକା ହେବ । ତରାଜୁର ଏହି ନିୟମ ଯେ ଯେତେବେଳେ ତା' ଉପରେ ମିଥ୍ୟା ରଖାଯିବ, ସେତେବେଳେ ତାହା ହାଲୁକା ହୋଇ ଉପରକୁ ଉଠିଯିବ । ହେ ଉମର୍ ! କ'ଣ ତୁମେ ଦେଖୁନାହଁ ଯେ ନମ୍ର ଆୟତଗୁଡ଼ିକ ସହିତ କଠିନ ଆୟତ ଗୁଡ଼ିକ ଅବତୀର୍ଣ୍ଣ ହୋଇଛନ୍ତି ଏବଂ କଠୋର ଆୟତକୁ ନମ୍ର ଆୟତ ସହିତ ଅବତୀର୍ଣ୍ଣ କରାଯାଇଅଛି ଏହା ଦ୍ୱାରା ମୋମିନ୍ (ବିଶ୍ୱାସକାରୀ)ମାନେ ଉତ୍ସାହିତ ହେବା ସହିତ ଭୟଭୀତ ମଧ୍ୟ ହେବେ । ଗୋଟିଏ ପଟେ ପୂଣ୍ୟକର୍ମ କରିବାକୁ ଆଗଭର ହେବେ ଓ ଅନ୍ୟ ପଟେ ଅଲ୍ଲାଃଙ୍କ ଭୟ ମନ ଭିତରେ ରହିବ ଏବଂ ଏପରି କୌଣସି ଇଚ୍ଛା ମନରେ ରଖିବେ ନାହିଁ ଯାହାର ସମ୍ବନ୍ଧ ଅଲ୍ଲାଃଙ୍କ ସହିତ ନଥିବ ଏବଂ ନା ସେ ଏପରି କୌଣସି ଜିନିଷର ଭୟ କରିବେ ଯାହା ତାଙ୍କ ନିଜ ହାତ ଦ୍ୱାରା ଘଟିଥିବ । ହେ ଉମର୍ ! କ'ଣ ତୁମେ ଦେଖୁନାହଁ ଯେ ଅଲ୍ଲାଃ ତାଲା ନର୍କବାସୀଙ୍କ କଥା କେବଳ ତାଙ୍କ କର୍ମ ଯୋଗୁଁ ବର୍ଣ୍ଣନା କରିଛନ୍ତି । ଅତଏବ ତୁମେ ଯେବେ ସେମାନଙ୍କ ବିଷୟରେ ଚର୍ଚ୍ଚା କରିବ ସେତେବେଳେ କହିବ ଯେ ଅବଶ୍ୟ ମୁଁ ଆଶା କରୁଛି ଯେ ମୁଁ ସେମାନଙ୍କ ମଧ୍ୟରେ ନାହିଁ ଏବଂ ଅଲ୍ଲାଃ ବୈକୁଣ୍ଠବାସୀଙ୍କ ବିଷୟରେ ସେମାନଙ୍କ ପୂଣ୍ୟକର୍ମ ଯୋଗୁଁ ଚର୍ଚ୍ଚା କରୁଛନ୍ତି କାରଣ ଅଲ୍ଲାଃ ତାଲା ସେମାନଙ୍କର ମନ୍ଦକାର୍ଯ୍ୟକୁ କ୍ଷମା କରିଦେଇଛନ୍ତି । ଅତଏବ ଯେବେ ତୁମେ ସେମାନଙ୍କ ବିଷୟରେ ଚର୍ଚ୍ଚା କରିବ ସେତେବେଳେ କହିବ ଯେ ମୋ କର୍ମ ହେଉଛି ସେମାନଙ୍କ କର୍ମ ପରି । ***(ଅଲ୍‌କାମିଲ୍ ଫିଦ୍ ତାରିଖ୍ ଲେ ଇବ୍‌ନେ ଅସିର୍ ଖଣ୍ଡ-୨, ପୃ-୨୭୩-୨୭୪... ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ଲେବନାନ୍ ୨୦୦୩)*** ନିଜ ମନକୁ ପଚାର ।

ଯେବେ ହଜ୍‌ରତ୍ ଅବୁବକର୍ ର:ଅଙ୍କ ମୃତ୍ୟୁ ସମୟ ପାଖେଇ ଆସିଲା, ସେ କହିଲେ: ଆମ ନିକଟରେ ମୁସଲମାନମାନଙ୍କ ଯେଉଁ ଧନସମ୍ପତି ରହିଛି ତାହାକୁ ଫେରାଇ ଦିଅ । ମୁଁ ସେହି ଧନରୁ କିଛି ବି ନେବାକୁ ଚାହୁଁନାହିଁ । ମୋର ଅମୁକ ଅମୁକ ସ୍ଥାନରେ ଯେଉଁ ଜମିଗୁଡ଼ିକ ରହିଛି ତାହା ମୁସଲମାନମାନଙ୍କ ପାଇଁ । ମୁଁ ବଇତୁଲ୍ ମାଲ୍‌ରୁ ଗୁଜୁରାଣ ମେଂଟାଇବା ପାଇଁ ଯେଉଁ ଖର୍ଚ୍ଚ ନେଉଥିଲି, ସେହି ଜମିଗୁଡ଼ିକ ତା' ବଦଳରେ ଦେଲି । ଏହି ଜମି, ଓଟ,

ତରବାରୀ ଧାର କରୁଥିବା କ୍ରିତଦାସ ଏବଂ ପାଂଚ ଦିର୍‌ହମ୍‌ର ଚାଦର ସବୁକିଛି ହଜ୍‌ରତ୍ ଉମର୍ ର:ଅଙ୍କୁ ଦେଇଦିଆଗଲା । ହଜ୍‌ରତ୍ ଉମର୍ ର:ଅ ଯେବେ ଏହି ସବୁ ସାମାନକୁ ଦେଖିଲେ, କହିଲେ ଯେ ହଜ୍‌ରତ୍ ଅବୁବକର୍ ର:ଅ ନିଜ ଉତରାଧିକାରୀମାନଙ୍କୁ ଅସୁବିଧାରେ ପକାଇଦେଲେ ।

(ତବକାତୁଲ୍ କୁବ୍‌ରା..... ଖଣ୍ଡ-୩, ପୃ-୧୪୩..... ବେରୁତ ୧୯୯୦)

ହଜ୍‌ରତ୍ ଖଲିଫତୁଲ୍ ମସିହିଲ ଅଓ୍ୱଲ୍ ର:ଅ ବର୍ଣ୍ଣନା କରିଛନ୍ତି ଯେ: ହଜ୍‌ରତ୍ ଉମର୍ ର:ଅଙ୍କୁ କେହି ଜଣେ ପଚାରିଥିଲେ ଯେ ଆପଣଙ୍କ ସ୍ୱଭାବରେ ସେହି କଠୋରତା ଆଉ ନାହିଁ ଯାହା ଜାହିଲିୟତ୍ (ଅର୍ଥାତ ଇସ୍‌ଲାମ୍‌ର ପୂର୍ବ) ଯୁଗରେ ଥିଲା । ହଜ୍‌ରତ୍ ଉମର୍ ର:ଅ ଉତର ଦେଲେ ଯେ ସେହି କଠୋରତା ଅଛି କିନ୍ତୁ ତାହା ଏବେ କୁଫାର୍ (ଅମାନ୍ୟକାରୀ ତଥା ଅବିଶ୍ୱାସକାରୀ)ମାନଙ୍କ ବିରୋଧରେ ପ୍ରଦର୍ଶନ କରାଯାଉଅଛି ।

(ହକାଇକୁଲ୍ ଫୁରୁକାନ୍ ଖଣ୍ଡ-୧, ପୃ-୨୦୬)

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ "ହଜ୍‌ରତ୍ ଅବୁବକର୍ ର:ଅଙ୍କୁ ଲୋକମାନେ କହିଥିଲେ ଯେ ଯଦି ଆପଣଙ୍କ ଅନ୍ତେ ଆପଣ ହଜ୍‌ରତ୍ ଉମର୍ ର:ଅଙ୍କୁ ନିଜର ଉତରାଧିକାରୀ ରୂପେ ଖଲିଫା ନିଯୁକ୍ତ କରନ୍ତି ତା'ହେଲେ ବହୁତ ଅସୁବିଧ ହେବ କାରଣ ସେ ବହୁତ କ୍ରୋଧୀ ଅଟନ୍ତି । ଏଥିରେ ସେ (ଅର୍ଥାତ ହଜ୍‌ରତ୍ ଉମର୍ ର:ଅ) କହିଲେ ଯେ ତାଙ୍କର କ୍ରୋଧ ସେ ପର୍ଯ୍ୟନ୍ତ ଗରମ ପ୍ରଦର୍ଶନ କରିଥାଏ ଯେପର୍ଯ୍ୟନ୍ତ ମୁଁ ରହିବି ନାହିଁ ଏବଂ ଯେବେ ମୁଁ ନ ରହିବି, ସେ ସ୍ୱୟଂ ନମ୍ର ହୋଇଯିବେ" ।

(ଅନୱାରେ ଖିଲାଫତ୍, ଅନ୍‌ୱାରୁଲ୍ ଉଲୁମ୍, ଖଣ୍ଡ-୩, ପୃ-୧୫୧)

ହଜ୍‌ରତ୍ ମସିହ ମଉଦ ଆ:ସ ହଜ୍‌ରତ୍ ଉମର୍ ର:ଅଙ୍କ ସମ୍ବନ୍ଧରେ କହିଛନ୍ତି ଯେ "ହଜ୍‌ରତ୍ ଉମର୍ ର:ଅଙ୍କ କ୍ରୋଧ ବିଷୟରେ ଆସିଛି ଯେ ତାଙ୍କୁ କେହି ଜଣେ ପଚାରିଲେ ଯେ ଇସ୍‌ଲାମ୍ ପୂର୍ବରୁ ଆପଣ ବହୁତ କ୍ରୋଧି ଥିଲେ । ହଜ୍‌ରତ୍ ଉମର୍ ର:ଅ ଉତର ଦେଲେ ଯେ ଏବେ ବି ସେହି କ୍ରୋଧ ଅଛି କିନ୍ତୁ ପୂର୍ବେ ତାହାର ସଠିକ୍ ବ୍ୟବହାର ହେଉନଥିଲା କିନ୍ତୁ ଏବେ ତାହାର ସଠିକ୍ ବ୍ୟବହାର କରାଯାଉଅଛି ।" ***(ଅହେମଦୀ ଅଓର୍ ଗଏର୍ ଅହେମଦୀ ମୈଁ ଫରକ୍ ହୈ ? ରୁହାନୀ ଖଜାଇନ୍, ଖଣ୍ଡ-୨୦, ପୃ-୪୮୭)*** ଅର୍ଥାତ ସଠିକ୍ ସ୍ଥାନରେ କ୍ରୋଧର ବ୍ୟବହାର ହେଉଅଛି ।

ଜାମେ ବିନ୍ ଶଦାଦ୍ ନିଜର ଜଣେ ନିକଟ ସମ୍ପର୍କୀୟଙ୍କ ଠାରୁ ବର୍ଣ୍ଣନା କରୁଛନ୍ତି ଯେ ମୁଁ ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅଙ୍କୁ ଏକଥା କହିବାର ଶୁଣିଛି ଯେ ହେ ଅଲ୍ଲାଃ ! ମୁଁ ଦୃବଳ ମତେ ଶକ୍ତିଶାଳୀ ବନାଇ ଦିଅ । ମୁଁ କଠୋର ସ୍ୱଭାବର ମତେ ନମ୍ର କରିଦିଅନ୍ତୁ । ମୁଁ କୃପଣ ମତେ ଦାନି କରିଦିଅ ।

ହଜ୍‌ରତ୍ ଉମର୍ ର:ଅ ଖଲିଫା ହେବା ପରେ ଯେଉଁ ପ୍ରଥମ ଉଦ୍‌ବୋଧନ ଦେଇଥିଲେ, ସେ ସଂକ୍ରାନ୍ତରେ ମଧ୍ୟ ଅନେକ ବର୍ଣ୍ଣନା ଉଲ୍ଲେଖ ରହିଛି । ଗୋଟିଏ ରିଓ୍ୱାୟତ୍‌ରେ ଆସିଛି ଯେ ହୁମୈଦ୍ ବିନ୍ ହିଲାଲ୍ ବର୍ଣ୍ଣନା କରିଛନ୍ତି ଯେ ହଜ୍‌ରତ୍ ଅବୁବକର ସିଦ୍ଦିକ୍ ର:ଅଙ୍କ ଦେହାନ୍ତ ସମୟରେ ଯେଉଁମାନେ ଉପସ୍ଥିତ ଥିଲେ ସେମାନେ ଆମକୁ ବତାଇଛନ୍ତି ଯେ, ହଜ୍‌ରତ୍ ଅବୁବକର୍ ର:ଅଙ୍କ ଅନ୍ତ୍ୟେଷ୍ଟିକ୍ରୀୟା ଶେଷ କରି ଯେତେବେଳେ ହଜ୍‌ରତ୍ ଉମର୍ ର:ଅ ଆସିଲେ, ସେତେବେଳେ ସେ ନିଜ ହାତରୁ ତାଙ୍କ କବର ମାଟିକୁ ଝାଡ଼ିଲେ ତା'ପରେ ନିଜ ସ୍ଥାନରେ ଛିଡ଼ା ହେଲେ ଓ କହିଲେ: ନିଃସନ୍ଦେହ ଅଲ୍ଲାଃ ତାଲା ତୁମକୁ ମୋ ମାଧ୍ୟମରେ ପରୀକ୍ଷା କରିଛନ୍ତି ଏବଂ ମୋତେ ତୁମମାନଙ୍କ ମାଧ୍ୟମରେ ପରୀକ୍ଷା କରିଛନ୍ତି ଓ ସେ ମୋର ଦୁଇ ସାଥିଙ୍କ ପରେ ତୁମମାନଙ୍କ ପାଇଁ ମତେ ଛାଡ଼ି ଦେଇଛ । ମୁଁ ଅଲ୍ଲାଃ ତାଲାଙ୍କ ଶପଥ କରି କହୁଛି ! ତୁମର ଯେକୌଣସି ପ୍ରସଙ୍ଗ ମୋ ସମ୍ମୁଖରେ ଯଦି ଉପସ୍ଥାପିତ ହେବ, ମୋ ବ୍ୟତୀତ ତାକୁ ଆଉ କେହି ବି ଦେଖିବେ ନାହିଁ । ଏବଂ ଯେଉଁ ମାମଲାଗୁଡ଼ିକୁ ମୁଁ ତୁଟାଇ ପାରିବି ନାହିଁ, ସେଥି ନିମନ୍ତେ ମୁଁ ଦକ୍ଷ ଓ ସଚ୍ଚୋଟ ଲୋକଙ୍କୁ ନିଯୁକ୍ତ କରିବି । ଅର୍ଥାତ ଲୋକମାନଙ୍କୁ ନିଯୁକ୍ତି ଦିଆଯିବ ଯେ ସେମାନେ ତୁମମାନଙ୍କ ଉପରେ ନଜର ରଖିବେ ଓ ମାମଲାଗୁଡ଼ିକୁ ଦେଖିବେ । ଯଦି ଲୋକମାନେ ଭଲ ବ୍ୟବହାର କରିବେ ତା'ହେଲେ ମୁଁ ମଧ୍ୟ ସେମାନଙ୍କ ସହିତ ଭଲ ବ୍ୟବହାର କରିବି । ଯଦି ସେମାନେ ମନ୍ଦ କାର୍ଯ୍ୟ କରିବେ ତା'ହେଲେ ମୁଁ ତାଙ୍କୁ ଦଣ୍ଡ ଦେବି ।

ହସନ୍ କହୁଛନ୍ତି ଯେ ମୁଁ ଆଶା କରୁଛି ଯେ ସର୍ବପ୍ରଥମ ଖୁତ୍‌ବା ଯାହାକୁ ହଜ୍‌ରତ୍ ଉମର୍ ର:ଅ ଦେଇଥିଲେ ତାହା ଏପରି ଥିଲା । ସେ ଅଲ୍ଲାଃ ତାଲାଙ୍କ ସ୍ତୁତି ଓ ମହିମା ବର୍ଣ୍ଣନା କରିବା ପରେ କହିଲେ- ଅମ୍ମା ବାଦୁ ମତେ ତୁମମାନଙ୍କ ଜରିଆରେ ପରୀକ୍ଷା କରାଯାଇଅଛି ଏବଂ ତୁମମାନଙ୍କୁ ମୋ ଜରିଆରେ ପରୀକ୍ଷା କରାଯାଇଛି । ମତେ ମୋର ଦୁଇଜଣ ସାଥିଙ୍କ ପରେ ତୁମମାନଙ୍କ ଉପରେ ପଛରେ ଛାଡ଼ି ଦିଆଯାଇଛି । ତେଣୁ ଯେଉଁ ମାମଲାଗୁଡ଼ିକ ଆମ୍ଭ ସାମନାକୁ ଆସିବ ଆମ୍ଭେ ସେଗୁଡ଼ିକୁ ନିଜେ ଦେଖିବୁ ଏବଂ ଯେଉଁ ମାମଲା ଆମଠାରୁ ଦୂରରେ/ଅପହଂଚ ହେବ, ଆମ୍ଭେ ତାହା ପାଇଁ ମଜ୍‌ଭୁତ/ଶକ୍ତିଶାଳୀ ଓ ସଚ୍ଚୋଟ ଲୋକଙ୍କୁ ନିଯୁକ୍ତ କରିବୁ ଏବଂ ଯିଏ ଭଲ କାମ କରିବ ଆମେ ତାକୁ ଭଲ କାମରେ ଆଗକୁ ବଢ଼ାଇବୁ ଓ ଯିଏ ମନ୍ଦ କାମ କରିବ ଆମେ ତାକୁ ଦଣ୍ଡ ଦେବୁ । ଅଲ୍ଲାଃ ଆମ୍ଭକୁ ଓ ତୁମ୍ଭକୁ କ୍ଷମା ଦିଅନ୍ତୁ ।

ଜାମେ ବିନ୍ ଶଦାଦ୍ ନିଜ ବାପାଙ୍କଠାରୁ ରିଓ୍ୱାୟତ୍ କରିଛନ୍ତି ଯେ ଯେବେ ହଜ୍‌ରତ୍ ଉମର୍ ର:ଅ ମେମ୍ବର ଉପରେ ଚଢ଼ିଲେ, ସେତେବେଳେ ତାଙ୍କର ପ୍ରଥମ ବାକ୍ୟ ଏହା ଥିଲା ଯେ ସେ କହିଲେ **ଅଲ୍ଲାହୁମ୍ମା ଇନ୍ନି ଶଦିଦୁନ୍ ଫଲୟିନି ଓ୍ୱ ଇନ୍ନି ଜଇଫୁନ୍ ଫକଓ୍ୱିନି ଓ୍ୱ ଇନ୍ନି ବଖିଲୁନ୍ ଫସଖିନି** ଅର୍ଥାତ ହେ ଅଲ୍ଲାଃ ମୁଁ କଠୋର ସ୍ୱଭାବର ତେଣୁ ତୁମେ ମତେ ନମ୍ର କରିଦିଅ । ମୁଁ ବହୁତ ଦୃବଳ ତେଣୁ ମତେ ଶକ୍ତି ପ୍ରଦାନ କର ଏବଂ ମୁଁ କୃପଣ, ମୋତେ ଦାନି ବନାଇ ଦିଅ ।

(ତବକାତୁଲ୍ କୁବ୍‌ରା..... ଖଣ୍ଡ-୩, ପୃ-୨୦୮..... ବେରୁତ ୧୯୯୦)

ଜାମେ ବିନ୍ ଶଦାଦ୍ ନିଜ ବାପାଙ୍କଠାରୁ ବର୍ଣ୍ଣନା କରୁଛନ୍ତି ଯେ ଯେତେବେଳେ ହଜ୍‌ରତ୍ ଉମର୍ ର:ଅ ଖଲିଫା ନିର୍ବାଚିତ ହେଲେ, ସେ ମେମ୍ବର (Dice) ଉପରେ ଚଢ଼ିଲେ ଓ କହିଲେ ଯେ ମୁଁ କିଛି କଥା କହିବି ତୁମେମାନେ ଆମିନ୍ କହିବ । ହଜ୍‌ରତ୍ ଉମର୍ ର:ଅ ଖଲିଫା ନିର୍ବାଚିତ ହେବା ପରେ ଏହି ବାକ୍ୟ ସର୍ବପ୍ରଥମେ କହିଥିଲେ । ହୁସୈନ୍ ମୁର୍‌ରି ବର୍ଣ୍ଣନା କରୁଛନ୍ତି ଯେ ହଜ୍‌ରତ୍ ଉମର୍ ର:ଅ କହିଲେ ଆରବୀୟମାନଙ୍କ ଉଦାହରଣ ହେଉଛି ନାକରେ ରଶି ବନ୍ଧା ଯାଇଥିବା ଓଟ ସଦୃଶ ଯିଏ ନିଜ ମାଲିକର ପଛେ ପଛେ ଚାଲୁଥାଏ । ତେଣୁ ତା'ର ମାଲିକ ଏହା ଦେଖିବା କଥା ଯେ ସେ ତାକୁ କେଉଁ ଆଡ଼କୁ ନେବ । ଯେଉଁଠି ମୋର ସମ୍ବନ୍ଧ ରହିଛି ତେବେ ମୁଁ କାବାର ପରମେଶ୍ୱରଙ୍କ ଶପଥ କରି କହୁଛି ! ମୁଁ ସେମାନଙ୍କୁ ଅବଶ୍ୟ ସତ୍‌ମାର୍ଗରେ ପରିଚାଳିତ କରାଇବି । ***(ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୩୫୫ ହିଜ୍‌ରୀ-୧୩.....ବେରୁତ ୧୯୮୭)***

ହଜ୍‌ରତ୍ ଉମର୍ ର:ଅ ଖଲିଫା ନିର୍ବାଚିତ ହେବା ପରେ ତୃତୀୟ ଦିନ ଏକ ସବିଶେଷ ଉଦ୍‌ବୋଧନୀ ଦେଇଥିଲେ । ତାହା ଏପରି ଥିଲା କି ଯେବେ ହଜ୍‌ରତ୍ ଉମର୍ ର:ଅଙ୍କୁ ଲୋକମାନେ ଭୟ କରୁଛନ୍ତି ବୋଲି ସୂଚନା ମିଳିଲା ସେତେବେଳେ ତାଙ୍କ ନିର୍ଦ୍ଦେଶ ମୁତାବକ **ଅସ୍‌ସଲାତୁ ଜାମିଅତୁନ୍** ଅର୍ଥାତ ନମାଜ ପ୍ରସ୍ତୁତ ହୋଇଗଲା ବୋଲି ବଡ଼ ପାଟିରେ ଡ଼ାକ ଛଡ଼ାଗଲା । ଏହା ଶୁଣି ଲୋକମାନେ ରୁଣ୍ଡ ହେବାକୁ ଲାଗିଲେ । ହଜ୍‌ରତ୍ ଉମର୍ ର:ଅ ମେମ୍ବର ଉପରେ ସେହି ସ୍ଥାନରେ ବସିଲେ ଯେଉଁଠି ହଜ୍‌ରତ୍ ଅବୁବକର୍ ର:ଅ ନିଜର ପାଦ ରଖିଥିଲେ । ଯେତେବେଳେ ଲୋକମାନେ ଏକାଠି ହେଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅ ସଳଖ ହୋଇ ଛିଡ଼ା ହେଲେ ଏବଂ ଅଲ୍ଲାଃ ତାଲାଙ୍କର ମହିମା ଗାନ କଲେ ଏବଂ ନବୀ କରିମ୍ ସ:ଆ:ସଙ୍କ ଉପରେ ଦୁରୁଦ୍ ଶରୀଫ୍ ପ୍ରେରଣ କଲେ ଏବଂ କହିଲେ: ମୋତେ ଏହି ସୂଚନାଟି ପ୍ରାପ୍ତ ହୋଇଛି ଯେ, ଲୋକମାନେ ମୋର କଠୋର ସ୍ୱଭାବ ଯୋଗୁଁ ଭୟଭୀତ ହେଉଛନ୍ତି । ଏବଂ ଲୋକମାନେ କହୁଛନ୍ତି ଯେ ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସ ଆମ ଗହଣରେ ଉପସ୍ଥିତ ଥିଲେ ସେତେବେଳେ ମଧ୍ୟ ହଜ୍‌ରତ୍ ଉମର୍ ର:ଅ ଆମମାନଙ୍କ ସହିତ କଠୋର ବ୍ୟବହାର କରୁଥିଲେ । ପୁଣି ହଜ୍‌ରତ୍ ଅବୁବକର୍ ର:ଅ ଯେତେବେଳେ ଆମ ଉପରେ ହାକିମ ଥିଲେ, ସେତେବେଳେ ବି ହଜ୍‌ରତ୍ ଉମର୍ ର:ଅ ଆମ ସହିତ କଠୋର ଆଚରଣ କରୁଥିଲେ । ଏବେ ଯେତେବେଳେ ସୁବ ଅକ୍ତିଆର ତାଙ୍କୁ ମିଳିଗଲା ଆମର ଅବସ୍ଥା କ'ଣ ହେବ ? ଯିଏ ଏକଥା କହିଛି ସମ୍ପୂର୍ଣ୍ଣ ସତ୍ୟ କହିଛି । ମୁଁ ନିଃସନ୍ଦେହ ରୂପେ ରସୁଲୁଲ୍ଲାଃ ସ:ଆ:ସଙ୍କ ସାଥିରେ ଥିଲି ଓ ମୁଁ ଆପଣ ସ:ଆ:ସଙ୍କ ଗୁଲାମ ଓ ଆପଣ ସ:ଆ:ସଙ୍କ ସେବକ ଥିଲି ଏବଂ ଏପରି କେହି ନଥିଲେ ଯିଏ ଆପଣ ସ:ଆ:ସଙ୍କ ପରି ନମ୍ର ଓ କରୁଣାର ବିଶେଷ ଗୁଣ ରଖିଥିବ । ଅଲ୍ଲାଃ ତାଲା ଆପଣଙ୍କୁ ନିଜର ଦୁଇଟି ଗୁଣ ବାଚକ ନାମରେ ନାମିତ କଲେ ଅର୍ଥାତ ରଉଫ୍ ଏବଂ ରହିମ୍ । ମୁଁ ଗୋଟିଏ ଉନ୍ମୁକ୍ତ ତରବାରୀ ଥିଲି ଯେବେ ରସୁଲୁଲ୍ଲାଃ ସ:ଆ:ସ ଚାହୁଁଥିଲେ ମତେ ଖୋଳ ଭିତରେ ପୁରାଇ ଦେଉଥିଲେ ଓ ଯେବେ ମତେ ଛାଡ଼ି ଦେଉଥିଲେ ମୁଁ କାଟି ପକାଉଥିଲି । ଏପରିକି ରସୁଲୁଲ୍ଲାଃ ସ:ଆ:ସଙ୍କ ଦେହାନ୍ତ ହୋଇଗଲା ଓ ସେ ମୋ ଉପରେ ପ୍ରସନ୍ନ ଥିଲେ । ଅଲ୍ଲାଃଙ୍କର ମୁଁ କୃତଜ୍ଞତା ଜ୍ଞାପନ କରୁଛି ଯେ ମୁଁ ଏହି ଦୃଷ୍ଟିକୋଣରୁ ଭାଗ୍ୟବାନ ଥିଲି ।। ଏହାପରେ ଯେତେବେଳେ ଲୋକମାନଙ୍କର ଖଲିଫା ତଥା ବିଚାରକ ହଜ୍‌ରତ୍ ଅବୁବକର ର:ଅ ହେଲେ ସେତେବେଳେ ସେ ଏଭଳି ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଥିଲେ ଯେ, ଯାହାଙ୍କ ବିନମ୍ର ହୃଦୟ, ଦୟା, କ୍ଷମା ତଥା ଶାନ୍ତ ସ୍ୱଭାବ ସଂପର୍କରେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଏହାକୁ ଅସ୍ୱୀକାର କରିପାରିବ ନାହିଁ । ମୁଁ ତାଙ୍କର ସେବକ ଓ ସାହାଯ୍ୟକାରୀ ଥିଲି । ମୁଁ ମୋର କଠୋରତାକୁ ତାଙ୍କ ନମ୍ରତା ସହିତ ମିଶାଇ ଦେଉଥିଲି ଓ ଉନ୍ମୁକ୍ତ ତରବାରୀ ହୋଇଯାଉଥଲି । ତାଙ୍କ ହାତରେ ରହୁଥିଲି । ଯଦି ସେ ଚାହୁଁଥିଲେ ମତେ ଖୋଳ ଭିତରେ ଭର୍ତି କରିଦେଉଥିଲେ ବା ଯଦି ସେ ଚାହୁଁଥିଲେ ମତେ ଖୋଲା ଛାଡ଼ି ଦେଉଥିଲେ ଫଳତଃ ମୁଁ କାଟି ପକାଇବି । ମୁଁ ତାଙ୍କ ସହିତ ଏହିପରି ଜୀବନ ବିତାଇଲି । ଏପରି କି ଅଲ୍ଲାଃ ତାଲା ତାଙ୍କୁ ଏମିତି ପରିସ୍ଥିତିରେ ମୃତ୍ୟୁ ପ୍ରଦାନ କଲେ ଯେ ସେ ମୋ ଉପରେ ପ୍ରସନ୍ନ / ଖୁସି ଥିଲେ । ଅଲ୍‌ହମ୍‌ଦୁଲିଲ୍ଲାଃ ମୁଁ ଏ ଦୃଷ୍ଟିକୋଣରୁ ଭାଗ୍ୟବାନ ରହିଲି ।

ହେ ଲୋକମାନେ ! ଏବେ ମୁଁ ତୁମମାନଙ୍କର ଶାସକ/ଅଭିଭାବକ ହୋଇଯାଇଛି । ବର୍ତମାନ ତୁମେମାନେ ଏହା ଭାବିନିଅ ଯେ, ସେହି କଠୋରତା ଓ ତିବ୍ରତାକୁ ବର୍ତମାନ କୋହଳ କରି ଦିଆଯାଇଛି । କିନ୍ତୁ ମୁସଲମାନମାନଙ୍କ ଉପରେ ଯେଉଁମାନେ ଅନ୍ୟାୟ ଓ ଅତ୍ୟାଚାର କରିବେ ସେମାନଙ୍କ ଉପରେ ମୋର ତିବ୍ରତା ଓ କଠୋରତା ପ୍ରକଟିତ ହେବ । ମୋର ତୁମମାନଙ୍କ ଉପରେ ଆଉ ସେପରି କଠୋରତା ପ୍ରକଟିତ ହେବ ନାହିଁ ଯେପରି ପୂର୍ବେ ପ୍ରକଟିତ ହେଉଥିଲା । କିନ୍ତୁ ଶତ୍ରୁମାନଙ୍କ ଉପରେ ମୋର କ୍ରୋଧ ଏବଂ କଠୋରତା ସର୍ବଦା ପ୍ରକଟିତ ହେବ । ବାକି ଯେଉଁମାନେ ପୂଣ୍ୟ, ଧାର୍ମିକ ଓ ଚରିତ୍ରବାନ ବ୍ୟକ୍ତି, ଯେଉଁମାନେ ପରସ୍ପର ପ୍ରତି ଦୟା ଓ କ୍ଷମା ଆଚରଣ ଭାବ ପ୍ରଦର୍ଶନ କରନ୍ତି ମୁଁ ସେମାନଙ୍କ ସହିତ ଏହାଠୁ ବି ଅଧିକ କୋହଳତା ଏବଂ ବିନମ୍ରତା ପ୍ରଦର୍ଶନ କରିବି । ମୁଁ କୌଣସି ଲୋକୁ ଏପରି ଅବସ୍ଥାରେ ଦେଖିବି ନାହିଁ ଯିଏ ଅନ୍ୟ ଉପରେ ଅତ୍ୟାଚାର ଓ ଜୁଲମ କରୁଥିବ । ଯଦି ଏପରି ଦେଖେ ତା'ହେଲେ ମୁଁ ତା'ର ଗୋଟିଏ ଗାଲକୁ ଭୂମି ଉପରେ ରଖି ମୁଁ ମୋ ପାଦ ତା'ର ଅନ୍ୟ ଗାଲ ଉପରେ ରଖିଦେବି । ଏପରିକି ସେ ସତ୍ୟକୁ ଭଲ ଭାବରେ

ଜାଣିନେବ । ଅର୍ଥାତ ଏପରି ଅତ୍ୟାଚାରୀଙ୍କ ଉପରେ ମୁଁ ଭିଷଣ କଠୋରତା ଅବଲମ୍ବନ କରିବି । ହେ ଲୋକମାନେ ! ମୋ ଉପରେ ତୁମମାନଙ୍କର ବହୁତ ଅଧିକାର ରହିଛି । ସେଥିରେ ଅବହେଳା କଲେ ତୁମେ ଏ ସମ୍ବନ୍ଧରେ ମତେ ଧରି ପାରିବ । ତୁମମାନଙ୍କର ମୋ ଉପରେ ଏ ଅଧିକାର ଅଛି ଯେ ମୁଁ ତୁମମାନଙ୍କ ଉପରେ ଯାହା କିଛି ଖର୍ଚ୍ଚ କରିବି ସେହି ବସ୍ତୁ ମଧ୍ୟରୁ ମୁଁ ତୁମଠାରୁ କାଣିଚାଏ ଲୁଚାଇ ରଖିବି ନାହିଁ ଓ ନା ହିଁ ତନ୍ମଧ୍ୟରୁ ଅର୍ଥାତ ମାଲେ ଗନିମତ୍‌ରୁ ଯାହାକୁ ମୁଁ ତୁମମାନଙ୍କ ପାଇଁ ପ୍ରେରଣ କରିଛି, ସେଥିରୁ ମଧ୍ୟ ମୁଁ ଅଲ୍ଲାଃ ତାଲାଙ୍କ ଏକ ଅଂଶ ବ୍ୟତୀତ କାଣିଚାଏ ମଧ୍ୟ ରୋକି ରଖିବି ନାହିଁ । ତୁମମାନଙ୍କର ମୋ ଉପରେ ଏହି ଅଧିକାର ରହିଛି ଯେ, ମୁଁ ତୁମମାନଙ୍କର ଭତା ଓ ଦୈନିକ ପ୍ରାପ୍ୟ ତୁମମାନଙ୍କୁ ଦେଉଥିବି । ତୁମମାନଙ୍କର ମୋ ଉପରେ ଏହି ଅଧିକାର ରହିଛି, ମୁଁ ଯେପରି ତୁମମାନଙ୍କୁ ବିନାଶର ସ୍ଥାନରେ ନିକ୍ଷେପ ନ' କରେ ଏବଂ ଯେତେବେଳେ ତୁମେମାନେ ସୈନ୍ୟଦଳରେ ସାମିଲ ହୋଇ ଘରେ ଅନୁପସ୍ଥିତ ରହିବ ସେତେବେଳେ ମୁଁ ତୁମ ପରିବାର ତଥା ସନ୍ତାନ ସନ୍ତତିଙ୍କର ଅଭିଭାବକ ହେବି । ଯେ ପର୍ଯ୍ୟନ୍ତ ତୁମେମାନେ ଯୁଦ୍ଧରୁ ଫେରି ନ' ଆସିଛ ସେ ପର୍ଯ୍ୟନ୍ତ ମୁଁ ଏହି କର୍ତବ୍ୟ କରିଚାଲିବି । ମୁଁ ତୁମମାନଙ୍କୁ ଏହି କଥା କହୁଅଛି ଓ ଅଲ୍ଲାଃଙ୍କଠାରୁ ନିଜ ପାଇଁ ଓ ତୁମମାନଙ୍କ ପାଇଁ କ୍ଷମା ପ୍ରାର୍ଥନା କରୁଅଛି ।

(ଅଜାଲତୁଲ୍ ଖଫା ଅନ୍ ଖିଲାଫତଲ୍ ଖୋଲଫାଆ..... ଖଣ୍ଡ-୩, ପୃ-୨୨୬-୨୨୮....କରାଚି)

ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ ଶାସନର ଚର୍ଚ୍ଚା କରି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଯେ, "ମୁସଲମାନମାନଙ୍କ ଆଖି ଆଗରେ ସର୍ବଦା ଏହି ଆୟତ ରହୁଥିଲା ଯେ **ତୁଅଦ୍‌ଦୁଲ୍ ଅମାନାତି ଇଲା ଅହ୍‌ଲିହା** ଅର୍ଥାତ ଯେଉଁ ଲୋକଶାସନ କରିବାକୁ ସକ୍ଷମ, ଯିଏ ପ୍ରଶାସନିକ ବିଷୟଗୁଡ଼ିକ ପରିଚାଳନା କରିବାର କ୍ଷମତା ରଖିଥିବେ ସେମାନଙ୍କୁ ଏହି ଅମାନତ୍ (ଦାୟିତ୍ୱ) ପ୍ରଦାନ କର । ପୁଣି ଯେତେବେଳେ ଏହି ଅମାନତ୍ କିଛି ଲୋକଙ୍କୁ ଦିଆଯାଉଥିଲା ସେତେବେଳେ ଶରିୟତ୍‌ର ଏହି ହୁକୁମ୍ ସର୍ବଦା ସେମାନଙ୍କ ଆଖି ଆଗରେ ରହୁଥିଲା ଯେ ସଚ୍ଚୋଟତା ଓ ନ୍ୟାୟ ସହିତ ଶାସନ କର । ଯଦି ତୁମେ ନ୍ୟାୟକୁ ଅଣଦେଖା କରିଦେବ, ଯଦି ତୁମେ ସଚ୍ଚୋଟତା ପାଳନ କରିବ ନାହିଁ, ଯଦି ତୁମେ ଏହି ବିଶ୍ୱାସରେ ବିଶ୍ୱାସଘାତକତା କଲେ ତା'ହେଲେ ଖୁଦା ତୁମର ହିସାବ ନେବେ ଓ ସେ ତୁମର ଏହି ଅପରାଧ ପାଇଁ ଦଣ୍ଡ ଦେବେ । ଏହି ସବୁ କଥା ହଜ୍‌ରତ୍ ଉମର୍ ର:ଅଙ୍କ ଚରିତ୍ର ଉପରେ ଏତେମାତ୍ରାରେ ପ୍ରଭାପ ପକାଇଥିଲା ଯେ ତାହାକୁ ଦେଖି ମଣିଷର ଲୋମ ଟାଙ୍କୁରି ଉଲେ । ହଜ୍‌ରତ୍ ଉମର୍ ର:ଅ ଯିଏ ଇସ୍‌ଲାମ୍‌ର ଦ୍ୱିତୀୟ ଖଲିଫା ଥିଲେ, ସେ ଇସ୍‌ଲାମ୍ ଓ ମୁସଲମାନମାନଙ୍କ ଉନ୍ନତି ନିମନ୍ତେ ଏତେମାତ୍ରାରେ ବଳିଦାନ କରିଛନ୍ତି ଯେ ୟୁରୋପୀୟ ଲେଖକ ଓ ସମାଲୋଚକ ଯେଉଁମାନେ ଦିବାରାତ୍ର ଆଁ ହଜ୍‌ରତ୍ ସ:ଆ:ସଙ୍କ ଜୀବନୀ ଉପରେ କ୍ରମାଗତ ଭାବରେ ଆପତି କରନ୍ତି ସେମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ପର୍କରେ ନିଜ ପୁସ୍ତକରେ ନିର୍ଲଜତାର ସହିତ ଏହା ଉଲ୍ଲେଖ କରନ୍ତି ଯେ, ନାଉଜୁ ବିଲ୍ଲାଃ (ଅଲ୍ଲାଃ ତାଲାଙ୍କ ଆଶ୍ରୟ ଭିକ୍ଷା କରେ) ଆଁ ହଜ୍‌ତର୍ ସ:ଆ:ସ ବିଶ୍ୱସ୍ତତା ଓ ସଚ୍ଚୋଟତା ଅବଲମ୍ବନ କରି ନାହାନ୍ତି । କିନ୍ତୁ ସେମାନେ ମଧ୍ୟ ହଜ୍‌ରତ୍ ଅବୁବକର ର:ଅ ଓ ହଜ୍‌ରତ୍ ଉମର୍ ର:ଅଙ୍କ ଚର୍ଚ୍ଚା ଉପରେ ଏହା ସ୍ୱୀକାର ନ କରି ଆଉ ରହି ପାରନ୍ତି ନାହିଁ ଯେ, ଯେଉଁ ଅକ୍ଳାନ୍ତ ପରିଶ୍ରମ ଓ ବଳିଦାନର ସହିତ ଏମାନେ କାମ କରିଛନ୍ତି ଯାହାର ଦୃଷ୍ଟାନ୍ତ ଓ ଏଭଳି ପରିଶ୍ରମର ଆଦର୍ଶ ଆଜି ପର୍ଯ୍ୟନ୍ତ କୌଣସି ସାଂସାରିକ ଶାସକମାନଙ୍କ ଠାରୁ ଦେଖିବାକୁ ମିଳିନାହିଁ । ବିଶେଷ ରୂପେ ହଜ୍‌ରତ୍ ଉମର୍ ର:ଅଙ୍କ କାମକୁ ସେମାନେ ବହୁତ ପ୍ରଶଂସା କରିଥାନ୍ତି ଓ ସେମାନେ କହିଥାନ୍ତି ଯେ ଉମର ଏପରି ବ୍ୟକ୍ତି ଥିଲେ ଯିଏ ରାତିଦିନ ମଗ୍ନ ହୋଇ ଇସ୍‌ଲାମ୍‌ର ନିୟମକାନୁନକୁ ପ୍ରସାର କଲେ ଓ ମୁସଲମାନମାନଙ୍କ ଉନ୍ନତି ସାଧନ ନିମନ୍ତେ କାର୍ଯ୍ୟ ସମ୍ପାଦନ କଲେ । କିନ୍ତୁ ହଜ୍‌ରତ୍ ଉମର୍ ର:ଅଙ୍କର ନିଜର ଅବସ୍ଥା କ'ଣ ଥିଲା ? ହଜାର ହଜାର କାମ ଓ ଦାୟିତ୍ୱ ଥିବା ସତ୍ତ୍ୱେ ମଧ୍ୟ ହଜାର ହଜାର ଦୁଃଖ କଷ୍ଟ ଓ ପ୍ରତିବନ୍ଧକ ଥିବା ସତ୍ତ୍ୱେ ମଧ୍ୟ ତାଙ୍କ ସାମନାରେ ଏହି ଆୟତ ସର୍ବଦା ରହୁଥିଲା **ଇନ୍ନଲ୍ଲାହା ୟାମୁରୁକୁମ୍ ଅନ୍ ତୁଅଦ୍‌ଦୁଲ୍ ଅମାନାତି ଇଲା ଅହ୍‌ଲିହା** ଏବଂ ଏ ଆୟତ ଥିଲା ଯେ **ୱ ଇଜା ହକମ୍‌ତୁମ୍ ବଇନନ୍ ନାସି ଅନ୍ ତହ୍‌କୁମୁ ବିଲ୍ ଅଦ୍‌ଲ୍** ଅର୍ଥାତ ଯେବେ ତୁମକୁ ଅଲ୍ଲାଃଙ୍କ ତରଫରୁ କୌଣସି କାର୍ଯ୍ୟ ପାଇଁ ନିଯୁକ୍ତ କରାଯାଏ ଏବଂ ତୁମ ଦେଶର ଲୋକମାନେ, ତୁମ ଭାଇବନ୍ଧୁମାନେ ତୁମକୁ ଶାସନ କରିବା ପାଇଁ ନିର୍ବାଚିତ କରନ୍ତି, ତା'ହେଲେ ତୁମର ଏ କର୍ତବ୍ୟ ଯେ ତୁମେ ନ୍ୟାୟ କର ଓ ନିଜର ସମସ୍ତ ଶକ୍ତିକୁ ମାନବ ସେବା କରବା ପାଇଁ ତଥା ମାନବ କଲ୍ୟାଣ ନିମନ୍ତେ ବ୍ୟୟ କର । ଅତଏବ୍ ହଜ୍‌ରତ୍ ଉମର୍ ର:ଅଙ୍କର ଏହି ଘଟଣା କେଡ଼େ ଯନ୍ତ୍ରଣାଦାୟକ ଥିଲା ଯେ ମୃତ୍ୟୁର ନିକଟତମ ସମୟରେ ଆପଣଙ୍କୁ ଅତ୍ୟାଚାରୀ ବୋଲି ବିବେଚନା କରି ଜଣେ ବ୍ୟକ୍ତି ନିଜର ଅବୋଧ ଓ ମୂର୍ଖତା ଦ୍ୱାରା ଗୋଟିଏ ଖଞ୍ଜର (ଏକ ପ୍ରକାରର ବଡ଼ ଛୁରୀ) ସାହାଯ୍ୟରେ ଆପଣ ର:ଅଙ୍କ ଉପରେ ଆକ୍ରମଣ କରିଦେଲା ଫଳତଃ ହଜ୍‌ରତ୍ ଉମର୍ ର:ଅ ନିଜର ମୃତ୍ୟୁ ହେବା ନିଶ୍ଚିତ ଜାଣିନେଲେ । ଏହିପରି ଅବସ୍ଥାରେ ଆପଣ ର:ଅ ବିଛଣାରେ ପଡ଼ି ଯନ୍ତ୍ରଣା ସହ୍ୟ କରୁଥିଲେ ଓ ବାରମ୍ବାର ଏହା କହୁଥିଲେ **ଅଲ୍ଲାହୁମ୍ମା ଲା ଅଲୟା ୱଲା ଲି** ଅର୍ଥାତ ହେ ଅଲ୍ଲାଃ ! ତୁମ୍ଭେ ମତେ ଏହି ଶାସନ ଗାଦିରେ ବସାଇଥିଲ ଓ ଗୋଟିଏ ଦାୟିତ୍ୱ ତୁମ୍ଭେ ମତେ ଅର୍ପଣ କରିଥିଲ । କିନ୍ତୁ ମୁଁ ହା ଜାଣିନାହିଁ ଯେ ମୁଁ ଏହି ଶାସନ ଦାୟିତ୍ୱକୁ ସଠିକ୍ ନିର୍ବାହ କରିଛି ବା ନାହିଁ । ଏବେ ମୋ ମୃତ୍ୟୁ ସମୟ ନିକଯତର ଓ ମୁଁ ଏ ସଂସାର ଛାଡ଼ି ତୁମ୍ଭ ନିକଟକୁ ଆସୁଅଛି । ହେ ମୋର ପାଳନକର୍ତା ! ମୁଁ ତୁମଠାରୁ ମୋ କର୍ମର ପ୍ରତିବଦଳରେ କୌଣସି ଭଲ ଫଳ ପାଇବାର ଆଶା ରଖିନାହିଁ, କୌଣସି ପୁରସ୍କାର ପାଇବାକୁ ଚାହୁଁନାହିଁ । ବରଂ ହେ ମୋର ପାଳନକର୍ତା ! ମୁଁ କେବଳ ଏତିକି ଚାହୁଁଛି ଯେ ତୁ ମୋ ଉପରେ ଦୟା କରି ମତେ କ୍ଷମା କରି ଦେ । ଯଦି ଏହି କର୍ତବ୍ୟକୁ ନିର୍ବାହ କରିବାରେ ମୋର କିଛି ଅବହେଳା ରହିଯାଇଥିବ ତାହାକୁ କ୍ଷମା କରିଦେ । ହଜ୍‌ରତ୍ ଉମର୍ ର:ଅ ଏଭଳି ଜଣେ ଗୌରବମୟ ବ୍ୟକ୍ତି ଥିଲେ ଯାହାଙ୍କ ନ୍ୟାୟର ଉଦାହରଣ ଏ ପୃଥିବୀରେ ବହୁତ କମ୍ ଦେଖିବାକୁ ମିଳେ କିନ୍ତୁ ଅଲ୍ଲାଃଙ୍କର ଏହି ନିର୍ଦ୍ଦେଶ **ୱ ଇଜା ହକ୍‌ମତୁମ୍ ବଇନନ୍ ନାସି ଅନ୍ ତହ୍‌କୁମୁ ବିଲ୍ ଅଦ୍‌ଲି** ଅନ୍ତର୍ଗତ ମୃତ୍ୟୁବରଣ କରିବା ସମୟରେ ଏତେ ଚିନ୍ତା ଓ ସନ୍ତାପ କରି ମରୁଛନ୍ତି ଯେ, ସେ ଯେଉଁ ସବୁ ସେବା ଦେଶର ଉନ୍ନତି ପାଇଁ କରିଥିଲେ, ସମସ୍ତ ସେବା ଯାହା ସେ ଲୋକମାନଙ୍କ କଲ୍ୟାଣ ପାଇଁ କରିଥିଲେ ସେହି ସମସ୍ତ ସେବାକାର୍ଯ୍ୟ ଯାହା ସେ ଇସ୍‌ଲାମ୍‌ର ଉନ୍ନତି ପାଇ କରିଥିଲେ ତାହା ସବୁ ତାଙ୍କୁ ସମ୍ପୂର୍ଣ୍ଣ ରୂପେ ତୁଚ୍ଛ ଜଣାପଡୁଛି । ସେ ଯେଉଁ ସେବାକାର୍ଯ୍ୟ କରିଛନ୍ତି ତାହା ନା କେବଳ ନିଜ ଦେଶରେ ରହୁଥିବା ଆପଣା ଓ ପରଙ୍କୁ ଭଲ ଦେଖାଯାଉଥଲା ବରଂ ବିଦେଶରେ ରହୁଥିବା ଲୋକମାନଙ୍କୁ ମଧ୍ୟ ଭଲ ଲାଗୁଥିଲା । ସେହି ସମସ୍ତ ସେବ କାର୍ଯ୍ୟ ଯାହା ନା କେବଳ ସେ ଯୁଗର ଲୋକମାନଭ୍‌କୁ ଭଲ ଲାଗୁଥିଲା ବରଂ ଆଜି ତେରଶହ ବର୍ଷ ବିତିଯିବା ପରେ ମଧ୍ୟ ସେହି ଲୋକମାନେ, ଯେଉଁମାନେ ତାଙ୍କ ମୁନୀବଙ୍କ (ଅର୍ଥାତ ମୁହମ୍ମଦ ସ:ଆ:ସଙ୍କ) ଉପରେ ଆକ୍ରମଣ କରିବାକୁ ପଛାଇ ନାହାନ୍ତି, ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କର ସେବାମୂଳକ କଥା ପଢୁଛି ସେମାନେ କହୁଛନ୍ତି ଯେ ବାସ୍ତବିକ ସେ ନିଜ କାର୍ଯ୍ୟରେ ଜଣେ ଅନନ୍ୟ ବ୍ୟକ୍ତି ଥିଲେ । କିନ୍ତୁ ସେହି ସମସ୍ତ ସେବା ସ୍ୱୟଂ ହଜ୍‌ରତ୍ ଉମର୍ ର:ଅଙ୍କ ଦୃଷ୍ଟିରେ ସମ୍ପୂର୍ଣ୍ଣ ତୁଚ୍ଛ ଦେଖାଯୁଛି ଓ ସେ ବେଦନାର ସହିତ କହୁଛନ୍ତି ଯେ **ଅଲ୍ଲାହୁମ୍ମା ଲା ଅଲୟା ୱ ଲାଲି** ଅର୍ଥାତ ହେ ମୋର ପାଳନକର୍ତା ! ଗୋଟିଏ ଦାୟିତ୍ୱ ମତେ ଅର୍ପଣ କରାଯାଇଥିଲା । ମୁଁ ଜାଣିନାହିଁ ଯେ ମୁଁ ତା'ର ହକ୍‌କୁ/ କର୍ତବ୍ୟକୁ ନିର୍ବାହ କରିଛି କି ନାହିଁ ।ତେଣୁ ମୁଁ ତୁମ ନିକଟରେ ଏତିକି ଦରଖାସ୍ତ/ ନିବେଦନ କରୁଅଛି ଯେ ତୁମେ ମୋ ଭୂଲ / ତ୍ରୁଟିକୁ କ୍ଷମା କରିଦିଅ ଓ ମତେ ଦଣ୍ଡରୁ ବଂଚାଇ ଦିଅ ।"

(ଇସ୍‌ଲାମ୍ କା ଇକ୍‌ତିସାଦି ନେଜାମ୍, ଅନୱାରୁଲ୍ ଉଲୁମ୍, ଖଣ୍ଡ-୧୮, ପୃ-୧୧-୧୩)

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଏହା ସାବ୍ୟସ୍ତ କରିବାକୁ ଚାହୁଁଛନ୍ତି ଆଁ ହଜ୍‌ରତ୍ ସ:ଆ:ସଙ୍କ ଦାସତ୍ୱ ଯୋଗୁଁ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ସଂସ୍କାର ଯୋଗୁଁ ହିଁ ହଜ୍‌ରତ୍ ଉମର୍ ର:ଅଙ୍କ ଠାରେ ନ୍ୟାୟ ପକ୍ଷ ରହିଥିଲାଂ ଏବଂ ସେ ବିଚାର ବେଳେ ନିରପେକ୍ଷ ବିଚାର କରୁଥିଲେ ଏବଂ ବିଚାର ସମୟରେ ସେ ଅଲ୍ଲାଃ ତାଲାଙ୍କୁ ହିଁ ଭୟ କରୁଥିଲେ ।

ହଜ୍‌ରତ୍ ଉମର୍ ର:ଅଙ୍କ କାର୍ଯ୍ୟ ସମ୍ପର୍କରେ ଏହି ୟୁରୋପୀୟ ପ୍ରାବନ୍ଧିକ ଓ ସମାଲୋଚକମାନେ ଭୂରି ଭୂରି ପ୍ରଶଂସା କରିଛନ୍ତି । ହଜ୍‌ରତ୍ ଉମର୍ ର:ଅଙ୍କ ଭଳି ବ୍ୟକ୍ତି ଯିଏ ସର୍ବଦା ଆଁ ହଜ୍‌ରତ୍ ସ:ଆ:ସଙ୍କ ସହଚର୍ଯ୍ୟାରେ ରହୁଥିଲେ, ସେ ମୃତ୍ୟୁ ସମୟରେ ଉତ୍କଣ୍ଠିତ ସ୍ୱରରେ ଏହା କହୁଥିଲେ ଯେ, ମୋତେ ଆଁ ହଜ୍‌ରତ୍ ସ:ଆ:ସ ପାଦରେ ଟିକେ ସ୍ଥାନ ମିଳିଯାଉ । ଆଁ ହଜ୍‌ରତ୍ ସ:ଆ:ସଙ୍କ କୌଣସି ଆଚରଣରୁ ଯଦି ଏହା ପ୍ରକାଶିତ ହୁଅନ୍ତା ଯେ, ଆପଣ ସ:ଆ:ସ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ସକାଶେ କାର୍ଯ୍ୟ କରୁନଥିଲେ ବୋଲି ତେବେ କ'ଣ ହଜ୍‌ରତ୍ ଉମର୍ ର:ଅଙ୍କ ଭଳି ବ୍ୟକ୍ତି ଏହି ସ୍ତର ପର୍ଯ୍ୟନ୍ତ ପହଂଚି କେବେ ଏହି ଅଭିଳାଷାଟି କରି ଥାଆନ୍ତା ଯେ, ମୋତେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପାଦ ତଳେ ଟିକେ ସ୍ଥାନ ମିଳିଯାଉ ?

(ଦୁନ୍‌ୟା କା ମୁହ୍‌ସିନ୍, ଅନୱାରୁଲ୍ ଉଲୁମ୍, ଖଣ୍ଡ-୧୦, ପୃ-୨୬୨)

ହଜ୍‌ରତ୍ ଉମର୍ ର:ଅଙ୍କ ଆଁ ହଜ୍‌ରତ୍ ସ:ଆ:ସଙ୍କ ପରିବାର ପ୍ରତି ନିଷ୍ଠାପୂର୍ଣ୍ଣ ସହାନୁଭୂତି, ସମବେଦନା କିପରି ଥିଲା ? ଏବଂ ଆନ୍ତରିକତାର ପରିପ୍ରକାଶ କିଭଳି ଥିଲା ? ସେ ସଂପର୍କରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି ଯେ, ହଜ୍‌ତର୍ ଆଇଶା ର:ଅ ଦୀର୍ଘ ସମୟ ପର୍ଯ୍ୟନ୍ତ ରସୁଲ୍ କରିମ୍ ସ:ଆ:ସଙ୍କ ବିୟୋଗ ପରେ ଜୀବିତ ରହିଥିଲେ । ହଜ୍‌ରତ୍ ଉମର୍ ର:ଅଙ୍କ ଶାସନରେ ଯେତେବେଳେ ଇରାନ୍ ବିଜୟ ହେଲା ସେତେବେଳେ ସେଠାରୁ ଅଟା ପେଷିବା ପାଇଁ ବ୍ୟବହୃତ ହେଉଥିବା ବାୟୁ ଚାଳିତ ଚକି ଅଣାଗଲା । ସେଥିରେ ପତଳା ଅଟା ପେଶା ଯାଇଥିଲା । ଯେତେବେଳେ ପ୍ରଥମଥର ପାଇଁ ମଦିନାରେ ଚକି ଲଗାଗଲା । ହଜ୍‌ରତ୍ ଉମର୍ ର:ଅ ଏହି ଆଦେଶ ଦେଲେ କି ପ୍ରଥମ ପେଷା ହୋଇଥିବା ସୂକ୍ଷ୍ମ ଗୁଣ୍ଡ ଅଟା, ହଜ୍‌ରତ୍ ଆଇଶା ର:ଅଙ୍କ ସେବାରେ ଉପହାର ସ୍ୱରୁପ ପ୍ରେରଣ କରାଯାଉ । ସୁତରାଂ ହଜ୍‌ରତ୍ ଉମର୍ ର:ଅଙ୍କ ନିର୍ଦ୍ଦେଶକ୍ରମେ ସେହି ପତଳା ଅଟାକୁ ହଜ୍‌ରତ୍ ଆଇଶା ର:ଅଙ୍କ ସେବାରେ ପଠାଇ ଦିଆଗଲା ଓ ତାଙ୍କ ସେବିକା ସେହି ଅଟା ଦ୍ୱାରା ଛୋଟ ଛୋଟ ରୋଟି ପ୍ରସ୍ତୁତ କଲେ । ମଦିନାର ମହିଳାମାନେ, ଯେଉଁମାନେ ପ୍ରଥମେ କେବେ ଏପରି ଅଟା ଦେଖିନଥିଲେ ସେମାନେ ଦଳ ଦଳ ହୋଇ ହଜ୍‌ରତ୍ ଆଇଶାଙ୍କ ଘରକୁ ଆସି ଜମା ହେଲେ ଯେ ଆସ ଆମେ ଦେଖିବା ସେହି ଅଟା କିପରି ଅଟା ? ଓ ସେଥିରେ କେଉଁଭଳି ରୋଟି

ତିଆରି ହେଉଛି ? ଘରର ପ୍ରାଙ୍ଗଣଟି ମହିଳାମାନଙ୍କ ଦ୍ୱାରା ପୁରିଗଲା । ସମସ୍ତେ ଏ ଅପେକ୍ଷାରେ ଥିଲେ ଯେ ସେହି ଅଟାର ରୋଟି ତିଆରି ହେବ ଓ ସେମାନ ତାକୁ ଦେଖିବେ । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ମହିଳାମାନଙ୍କୁ ସମ୍ବୋଧନ କରୁଥିଲେ ଓ ମହିଳାମାନଙ୍କୁ କହୁଥିଲେ ଯେ ତୁମେମାନେ ଭାବୁଥିବ ସେହି ଅଟା ବୋଧ ହଉ, ଅଜବ ପ୍ରକାରର ଅଟା ଥିବ । ତାହା କୌଣସି ଅଜବ ଅଟା ନଥିଲା ବରଂ ତୁମେମାନେ ପ୍ରତ୍ୟେକ ଦିନ ଯେଉଁ ଅଟା ବ୍ୟବହାର କରୁଛ ତାହାଠାରୁ ମଧ୍ୟ କମ ସ୍ତରର ଥିଲା । ଆଜିକାଲି ତୁମମାନଙ୍କ ମଧ୍ୟରୁ ଗରୀବରୁ ଅତି ଗରୀବ ମହିଳା ଯେଉଁ ଅଟା ଖାଉଛନ୍ତି, ତାହା ଏହାଠାରୁ ମଧ୍ୟ ନିକୃଷ୍ଟତର ଥିଲା । କିନ୍ତୁ ମଦିନାରେ ସେତେବେଳେ ଯେଉଁ ଅଟା ବ୍ୟବହାର କରାଯାଉଥିଲଶ ତା'ଠାରୁ ସେହି ଅଟା ହବୁତ ଉତ୍କୃଷ୍ଟ ଥିଲା । ସେ ଯାହା ହେଉ ଅଟାର ରୋଟି ତିଆରି ହେଲା । ମଦିନାର ମହିଳାମାନେ ତାହା ଦେଖି ଆଶ୍ଚର୍ଯ୍ୟ ହେଲେ । ସେମାନେ ଉତ୍ସାହିତ ହୋଇ ନିଜ ନିଜର ଆଙ୍ଗୁଳିକୁ ସେହି ରୋଟିରେ ଲଗାଉଥିଲେ ଓ ଖୁସିରେ କହୁଥିଲେ ଓହ! କେଡ଼େ ନରମ ରୋଟି । କ'ଣ ଏହାଠାରୁ ଭଲ ଅଟା ସଂସାରରେ ଥାଇପାରେ ?

ରୋଟି ତ' ପ୍ରସ୍ତୁତ ହୋଇଗଲା କିନ୍ତୁ ଏଠାରେ ହଜ୍‌ରତ୍ ଆଇଶା ର:ଅଙ୍କର ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରତି ଯେଉଁ ପ୍ରେମ ଓ ଭାବପ୍ରିତୀର କାହାଣୀ ଆରମ୍ଭ ହୁଏ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରତି ଆପଣ ର:ଅଙ୍କ କ'ଣ ଭାବାବେଗ ରହିଥିଲା, ତାହାର ଚର୍ଚ୍ଚା କରୁଛନ୍ତି ଯେ, ହଜ୍‌ରତ୍ ଆଇଶା ର:ଅ ଉକ୍ତ ବେଲୁନ୍ ପରି ଫୁଲିଥିବା ରୁଟି ମଧ୍ୟରୁ ଗୋଟିଏ ଖଣ୍ଡ ପାଟିକୁ ନେଲେ ସେଠାରେ ଉପସ୍ଥିତ ସମସ୍ତ ମହିଳା ହଜ୍‌ରତ୍ ଆଇଶା ର:ଅଙ୍କ ମୁହଁକୁ ଚାହିଁ ରହିଲେ ଯେ ଏହାକୁ ଖାଇବା ଦ୍ୱାରା ଆଇଶା ବହୁତ ଆନନ୍ଦିତ ହେବେ । ଏହାର ସ୍ୱାଦ ନେବେ । କିନ୍ତୁ ଯେମିତି ହଜ୍‌ରତ୍ ଆଇଶା ର:ଅଙ୍କ ପାଟିରେ ସେହି ରୁଟିର ଖଣ୍ଡ ପ୍ରବେଶ କଲା ସେତେବେଳେ ତାହା ଏପରି ପ୍ରତିତ ହେଲା ଯେପରି କେହି ଜଣେ ତାଙ୍କ ତଂଟିକୁ ରୁଦ୍ଧ କରିଦେଇଛି । ସେହି ଖଣ୍ଡଟି ତାଙ୍କ ପାଟିରେ ହିଁ ପଡ଼ି ରହିଲା ଏବଂ ଆଖିରୁ ନିରବିଚ୍ଛିନ୍ନ ଭାବରେ ଲୁହର ଧାର ବହିବାକୁ ଲାଗିଲା । ମହିଳାମାନେ କହିଲେ ମା! ଅର୍ଥାତ ବହୁତ ଭଲ ଅଟା ଥିଲା । ରୋଟି ଏତେ ନରମ ଯେ ତାହାର କୌଣସି ସୀମା ନାହିଁ । ଆପଣଙ୍କୁ କ'ଣ ହୋଇଗଲା ଯେ ଆପଣ ତାକୁ ଗିଳିପାରୁନାହାନ୍ତି ? ଏବଂ କାନ୍ଦୁଛନ୍ତି ? କ'ଣ ଏହି ଅଟାର କିଛି ତ୍ରୁଟି ରହିଗଲା କି ? ହଜ୍‌ରତ୍ ଆଇଶା ର:ଅ କହିଲେ ଅଟାରେ କିଛି ଭୂଲ ନାହିଁ । ଏହା ତ' ବହୁତ ନରମ ରୋଟି । ଏପରି ରୁଟି ପୂର୍ବରୁ ମୁଁ କେବେ ଦେଖିନାହିଁ । କିନ୍ତୁ ମୋ ଆଖିରୁ ଏଥିଯୋଗୁଁ ଅଶ୍ରୁ ଝରୁଛି ଯେ ମତେ ସେହି ଦିନଗୁଡ଼ିକ ମନେ ପଡ଼ିଗଲା ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସ ଜୀବନର ଶେଷ ପର୍ଯ୍ୟାୟ ଦେଇ ଗତି କରୁଥିଲେ । ଆପଣ ସ:ଆ:ସ ଦୃବଳ ହୋଇଯାଇଥିଲେ ଓ ଟାଣ ଖାଦ୍ୟ ଖାଇ ପାରୁନଥିଲେ କିନ୍ତୁ ସେହି ଦିନ ଗୁଡ଼ିକରେ ମୁଁ ମଧ୍ୟ ପଥର ଦ୍ୱାରା ଗହମକୁ କୁଟି ଅଟା ବହାର କରି ରୋଟି ତିଆରି କରି ମହାଭାଗ ସ:ଆ:ସଙ୍କୁ ଖାଇବାକୁ ଦେଉଥିଲି । ପୁଣି ଆଇଶା ର:ଅ କହିଲେ: ଯାହାଙ୍କ ମାଧ୍ୟମରେ ଆମକୁ ଆଜି ଏହି ପୁରସ୍କାରଟି ପ୍ରାପ୍ତ ହୋଇଛି ସେ ତ' ଏହି ପୁରସ୍କାରରୁ ବଂଚିତ ହୋଇ ଇହଧାମ ତ୍ୟାଗ କରି ଚାଲିଗଲେ । କିନ୍ତୁ ଆମମାନଙ୍କୁ ଯାହାଙ୍କ ମାଧ୍ୟମରେ ଏହି ସମ୍ମାନ ଓ ଯଶ ପ୍ରାପ୍ତ ହୋଇଅଛି, ଆମେମାନେ ସେଥିରୁ ଉପକୃତ ହେଉଅଛେ । ଏହା କହି ଖାଦ୍ୟ ଯାହା ମୁହଁ ଭିତରେ ଥିଲା, ତାହାକୁ ପକାଇ ଦେଲେ ଓ କହିଲେ: ଏହି ରୁଟିକୁ ମୋ ସାମନାରୁ ଉଠାଇ ନେଇଯାଅ ମତେ ରସୁଲୁଲ୍ଲାଃ ସ:ଆ:ସଙ୍କ ଯୁଗ/ସମୟ ମନେ ପଡ଼ିଗଲା ଓ ମୋର ଗଳା ରୁଦ୍ଧି ହୋଇଗଲା । ମୁଁ ଏହି ରୋଟିକୁ ଖାଇପାରିବି ନାହିଁ ।

(ଆଇଦା ଓ୍ୱହି କୌମେଁ ଇଜ୍ଜତ୍ ପାଏଁଗୀ ଯୋ ମାଲି ଓ୍ୱ ଜାନି କୁର୍‌ବାନିଓଁ ମେଁ ହିସ୍‌ସା ଲେଁଗୀ, ଅନ୍‌ଓ୍ୱାରୁଲ୍ ଉଲୁମ୍ ଖଣ୍ଡ-୨୧, ପୃ-୧୫୫-୧୫୬)

ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ଯେବେ ହଜ୍‌ରତ୍ ଉମର୍ ର:ଅଙ୍କ ଯୁଗରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସାହାବମାନେ ମଦାଏନ୍ ଇଲାକୁ ଜିଣିନେଲେ (ମଦାଏନ୍ କିସ୍‌ରା ସମ୍ରାଟର ସିଂହାସନ ଥିଲା) । ସେତେବେଳେ ହଜ୍‌ରତ୍ ଉମର୍ ର:ଅ ସେହି ସାହାବାମାନଙ୍କୁ ମସ୍‌ଜିଦ୍ ଭିତରେ ଚମଡ଼ାର ଚଟାଇ ବିଛାଇବାକୁ ନିର୍ଦ୍ଦେଶ ଦେଲେ ଓ ମାଲେ ଗନିମତ (ଯୁଦ୍ଧରେ ହାସଲ ହୋଇଥିବା ଶତ୍ରୁପକ୍ଷର ଧନସମ୍ପତି) ସବୁ ସେ ଚଟାଇ ଉପରେ ଢ଼ାଳି ଦିଆଗଲା । ପୁଣି ରସୁଲୁଲ୍ଲାଃ ସ:ଆ:ସଙ୍କ ସାହାବାମାନେ ଜମା ହେଲେ । ସର୍ବପ୍ରଥମେ ହଜ୍‌ରତ୍ ଉମର୍ ର:ଅଙ୍କଠାରୁ ଯିଏ ମାଲେ ଗନିମତ୍ ନେବା ଆରମ୍ଭ କଲେ ସେ ଥିଲେ ହଜ୍‌ରତ୍ ହସନ୍ ବିନ୍ ଅଲୀ ର:ଅ । ସେ କହିଲେ ହେ ଅମୀରୁଲ୍ ମୁମିନିନ୍ । ଯେଉଁ ଧନ ଅଲ୍ଲାଃ ତାଲା ମୁସଲମାନମାନଙ୍କୁ ପ୍ରଦାନ କରିଛନ୍ତି, ସେଥିରୁ ମୋର ହକ୍ (ପ୍ରାପ୍ୟ) ମତେ ପ୍ରଦାନ କରନ୍ତୁ । ହଜ୍‌ରତ୍ ଉମର୍ ର:ଅ ତାଙ୍କୁ କହିଲେ ବହୁତ ଖୁସିରେ ଓ ସସମ୍ମାନେ ଗ୍ରହଣ କର ଏବଂ ତାଙ୍କୁ ଏକ ହଜାର ଦିର୍‌ହମ୍ ଦେବା ପାଇଁ ନିର୍ଦ୍ଦେଶ ଦେଲେ । ପୁଣି ହସନ୍ ଚାଲିଗଲେ ଏବଂ ହୁସୈନ୍ ବିନ୍ ଅଲୀ ର:ଅ ଆଗକୁ ବଢ଼ିଲେ ଓ କହିଲେ ହେ ଅମୀରୁଲ୍ ମୁମିନିନ୍! ଯେଉଁ ଧନ ଅଲ୍ଲାଃ ତାଲା ମୁସଲମାନମାନଙ୍କୁ ପ୍ରଦାନ କରିଛନ୍ତି ସେଥିରୁ ମୋର ପ୍ରାପ୍ୟ ମତେ ଦିଅନ୍ତୁ । ହଜ୍‌ରତ୍ ଉମର୍ ର:ଅ କହିଲେ ବହୁତ ଖୁସି ଓ ସସମ୍ମାନର ସହିତ ଗ୍ରହଣ କରନ୍ତୁ । ପୁଣି ତାଙ୍କୁ ଏକ ହଜାର ଦିର୍‌ହମ୍ ଦେବାକୁ ନିର୍ଦ୍ଦେଶ ଦେଲେ । ପୁଣି ହଜ୍‌ରତ୍ ଉମର୍ ର:ଅଙ୍କ ପୁତ୍ର ଅବ୍‌ଦୁଲ୍ଲାଃ ବିନ୍ ଉମର୍ ନିଜର ପ୍ରାପ୍ୟ ତଲବ କଲେ । ହଜ୍‌ରତ୍ ଉମର୍ ର:ଅ ତାଙ୍କୁ ପାଂଚଶହ ଦିର୍‌ହମ୍ ଦେବା ପାଇଁ ନିର୍ଦ୍ଦେଶ ଦେଲେ । ଏହା ଦେଖି ଅବ୍‌ଦୁଲ୍ଲାଃ ବିନ୍ ଉମର୍ କହିଲେ: ହେ ଅମୀରୁଲ୍ ମୁମିନିନ୍! ମୁଁ ଜଣେ ଶକ୍ତିଶାଳୀ ପୁରୁଷ ଓ ରସୁଲୁଲ୍ଲାଃ ସ:ଆ:ସଙ୍କ ସମ୍ମୁଖରେ ତରବାରୀ ଚାଳନା କରୁଥିଲି । ସେତେବେଳେ ହସନ୍ ଏବଂ ହୁସୈନ୍ ଛୋଟ ପିଲା ଥିଲେ ଓ ମଦିନାର ଗଳିକନ୍ଦିରେ ବୁଲୁଥିଲେ କିନ୍ତୁ ଆପଣ ସେହି ଦୁଇଜଣଙ୍କୁ ହଜାରେ ହଜାରେ ଦିର୍‌ହମ୍ ଦେଲେ କିନ୍ତୁ ମତେ ପାଂଚଶହ ଦିର୍‌ହମ୍ ଦେଲେ । ହଜ୍‌ରତ୍ ଉମର୍ ର:ଅ କହିଲେ ହଁ । ତୁମେ ଯାଅ! ଏବଂ ମୋ ପାଖକୁ ସେମାନଙ୍କ ବାପା ପରି ଜଣେ ବାପାଙ୍କୁ ଘେନି ଆସ ଏବଂ ସେମାନଙ୍କ ମାଆ ପରି ମାଆ ସ ସେମାନଙ୍କ ନାନା (ଅଜା) ପରି (ଅଜା) ନାନା ଓ ସେମାନଙ୍କ ନାନି (ଆଈ) ପରି ନାନି, ସେମାନଙ୍କ ଚାଚା ପରି ଚାଚା, ସେମାନଙ୍କ ମାମୁଁ ପରି ମାମୁଁ ଏବଂ ସେମାନଙ୍କ ଖାଲା (ମାଉସୀ) ପରି ଖାଲା ଘେନି ଆଣ । କିନ୍ତୁ ମୁଁ ନିଶ୍ଚିତ ଯେ ତୁମେ ମୋ ନିକଟକୁ ସେମାନଙ୍କ ସଦୃଶ କାହାକୁ ବି ଆଣିପାରିବ ନାହିଁ ।

(ଅଜାଲତୁଲ୍ ଖିଫାଆ ଅନ୍ ଖିଲାଫତଲ୍ ଖୋଲଫାଆ.....ଖଣ୍ଡ-୩, ପୃ-୨୯୨-୨୯୩....କରାଚି) (ଫରହଙ୍ଗ ସିରତ୍, ପୃ-୨୬୪..... କରାଚି ୨୦୦୪)

ଅବୁ ଜାଫର୍‌ଙ୍କଠାରୁ ବର୍ଣ୍ଣିତ ଅଛି ଯେ ହଜ୍‌ରତ୍ ଉମର୍ ର:ଅ ଯେବେ ଏହା ମନସ୍ଥ କଲେ ଯେ ଲୋକମାନଙ୍କ ପାଇଁ ଓ୍ୱଜିଫା (ଭତା) ନିର୍ଦ୍ଧାରଣ କରିବେ । ଆପଣ ର:ଅଙ୍କ ରାୟ ଲୋକମାନଙ୍କ ରାୟଠାରୁ ଉତମ ଥିଲା । ସେତେବେଳେ ଲୋକମାନେ କହିଲେ ଯେ ଆପଣ ନିଜ ଠାରୁ ଏହା ଆରମ୍ଭ କରନ୍ତୁ । ହଜ୍‌ରତ୍ ଉମର୍ ର:ଅ କହିଲେ ନୁହେଁ । ସୁତରାଂ ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ସବୁଠାରୁ ନିକଟତମ ସମ୍ପର୍କୀୟଙ୍କଠାରୁ ଆରମ୍ଭ କଲେ । ସର୍ବପ୍ରଥମେ ଆପଣ ର:ଅ ହଜ୍‌ରତ୍ ଅବ୍‌ବାସ୍ ର:ଅ ଓ ପୁଣି ହଜ୍‌ରତ୍ ଅଲୀ ର:ଅଙ୍କ ଭାଗ ନିର୍ଦ୍ଧାରଣ କଲେ ।

(ଅଜାଲତୁଲ୍ ଖିଫାଆ ଅନ୍ ଖିଲାଫତଲ ଖୋଲଫାଆ.....ଖଣ୍ଡ-୩, ପୃ-୨୪୧....କରାଚି)

ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅ ହଜ୍‌ରତ୍ ଇମାମ୍ ହସନ୍ ଏବଂ ହୁସୈନ୍‌ଙ୍କ ସମ୍ମାନ ପ୍ରଦର୍ଶନ କରୁଥିଲେ ଏବଂ ସେମାନଙ୍କୁ ଓଟ ଏବଂ ଘୋଡ଼ା ଉପରେ ଆରୋହଣ କରାଇଥିଲେ ଏବଂ ସେହି ଦୁହିଁଙ୍କୁ ଭେଟି ମଧ୍ୟ ପ୍ରଦାନ କରୁଥିଲେ, ଯେମିତି ସେ ସେହି ଦୁଇଜଣଙ୍କ ପିତାଙ୍କୁ ଉପହାର ପ୍ରଦାନ କରୁଥିଲେ (ଅର୍ଥାତ ହଜ୍‌ରତ୍ ଅଲୀଙ୍କୁ ଯେପରି ଉପହାର ଦେଉଥିଲେ) । ଥରେ ୟମନ୍‌ରୁ କିଛି କପଡ଼ା ନିର୍ମିତ ବସ୍ତ୍ର ଆସିଲା । ଆପଣ ର:ଅ ସେ ସବୁକୁ ସେହି ସାହାବାମାନଙ୍କ ପୁତ୍ରମାନଙ୍କୁ ବାଂଟିଦେଲେ ଓ ସେହି ଦୁଇଜଣଙ୍କୁ (ଅର୍ଥାତ ହସନ୍ ଏବଂ ହୁସୈନ୍‌ଙ୍କୁ) ସେଥିରୁ କିଛି ଦେଲେ ନାହିଁ ଓ କହିଲେ! ଏହି ଦୁଇଜଣଙ୍କ ଯୋଗ୍ୟ ଏଥିରେ କିଛି ଜିନିଷ ନାହିଁ । ତା'ପରେ ସେ ୟମନ୍‌ର ନାଏବଙ୍କୁ ବାର୍ତ୍ତା ପଠାଇଲେ । ସୁତରାଂ ସେ (ନାଏବ୍) ସେହି ଦୁଇଜଣଙ୍କ ପାଇଁ ସେମାନଙ୍କ ଯୋଗ୍ୟ ବସ୍ତ୍ର ତିଆରି କଲେ ।

(ଅଲ୍‌ବିଦାୟତୁନ୍ ନହାୟା..... ଖଣ୍ଡ-୪, ଭାଗ-୮..... ପୃ-୨୧୪-୨୧୫.... ବେରୁତ ଲେବ୍‌ନାନ୍ ୨୦୦୧)

ଏ ବିଷୟରେ ଆଗକୁ ପୁଣି ବର୍ଣ୍ଣନା କରାଯିବ ।

ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କର ଯନାଜାଃ ସମ୍ପର୍କରେ ମଧ୍ୟ ଚର୍ଚ୍ଚା କରିବାକୁ ଚାହୁଁଛି । ନମାଜ ଜୁମା ପରେ ମୁଁ ସେମାନଙ୍କର ନମାଜ ଯନାଜାଃ ଗାଏବ ମଧ୍ୟ ପଢ଼ାଇବି ।

ତନ୍ମଧ୍ୟରୁ ପ୍ରଥମ ମୃତକା ହେଲେ ସ୍ୱର୍ଗତା ସୁହୈଲା ମେହବୁବ ସାହେବା । ସ୍ୱର୍ଗତା ସୁହୈଲା ସାହେବା ସ୍ୱର୍ଗତ ଫୈଜ୍ ଅହେମଦ୍ ସାହେବ ଗୁଜରାତି ଦର୍‌ଓ୍ୱେଶ୍ ମର୍‌ହୁମ୍ ଯିଏ ବଇତୁଲ୍ ମାଲ୍‌ର ନାଜିର୍ ଥିଲେ, ତାଙ୍କର ପତ୍ନୀ ଥିଲେ । ସ୍ୱର୍ଗତାଙ୍କ ୯୧ ବର୍ଷ ବୟସରେ ମୃତ୍ୟୁ ହୋଇଛି । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।** ଅଲ୍ଲାଃ ତାଲାଙ୍କ କୃପାରୁ ସ୍ୱର୍ଗତା ଓ୍ୱସିୟତ୍ କରିଥିଲେ । ସ୍ୱର୍ଗତାଙ୍କର ସଂପର୍କ ବିହାରର ଏକ ଶିକ୍ଷିତ ସଭ୍ୟ ପରିବାର ସହିତ ରହିଥିଲା । ତାଙ୍କ ପିତା ଅହେମଦି ନଥିଲେ କିନ୍ତୁ ତାଙ୍କ ମାତା ନିଜ ପିତାଙ୍କ ବୟତ ପରେ ସ୍ୱୟଂ ଅଧ୍ୟୟନ କରି ଜମାଅତ୍‌ରେ ସାମିଲ ହୋଇଥିଲେ । ତିନି ଚାରିବର୍ଷ ପର୍ଯ୍ୟନ୍ତ ନିଜ ସ୍ୱାମୀଙ୍କ ଅବହେଳା ଦ୍ୱାରା ବହୁତ କଷ୍ଟ ଉଠାଇଲେ, କିନ୍ତୁ ଅହେମଦିୟତ୍ ଉପରେ ଦୃଢ଼ତାର ସହ ରହିଲେ । ତାଙ୍କ ସ୍ୱାମୀ ଅହେମଦି ତ' ହେଲେନାହିଁ କିନ୍ତୁ ପରେ ବିରୋଧ କରିବା ବନ୍ଦ କରିଦେଲେ ଏବଂ ଝିଅମାନଙ୍କର ବନ୍ଧୁ (ବିବାହ) ଅହେମଦୀ ଘରେ କରିଦେଲେ । ସୁତରାଂ ସୁହୈଲା ସାହିବାଙ୍କର ବିବାହ ମଧ୍ୟ ଅହେମଦୀ ଘରେ ହେଲା । ୧୯୮୫ ମସିହାରେ ସୁହୈଲାଙ୍କ ମାଆ ନିଜ ଝିଅ ସୁହୈଲା ମେହବୁବଙ୍କ ସହିତ ପ୍ରଥମଥର କାଦିଆନ୍ ଆସିଲେ । ସୁହୈଲା ମେହ୍‌ବୁବ୍ ସାହିବା କୁହନ୍ତି: ତାଙ୍କୁ କାଦିଆନ୍ ବସ୍ତି ସହିତ ବହତୁ ପ୍ରେମ ହୋଇଗଲା । ତେଣୁ ସେ ବହୁତ ଦୁଆ କଲେ ଯେ କିପରି କାଦିଆନ୍‌ରେ ବସତି ସ୍ଥାପନ କରିବେ । ସେ ଯାହା ହେଉ ନା କାହିଁକି ସେ ନିଜ ଜୀବନକୁ ଧର୍ମ ମାର୍ଗରେ ଉତ୍ସର୍ଗ କରି ଦେଇଥିଲେ । ଏଥିପାଇଁ ସେ ତତ୍‌କାଳୀନ ନାଜିର୍ ଖିଦ୍‌ମତ୍ ଦର୍‌ଓ୍ୱେଶ୍‌ାନ୍ ହଜ୍‌ରତ୍ ମିର୍ଜା ବଶୀର୍ ଅହେମଦ୍ ସାହେବଙ୍କ ନିକଟକୁ ଓ୍ୱକ୍‌ଫ ପାଇଁ ପତ୍ର ଲେଖିଥିଲେ । ଉତରରେ ନାଜିର୍ ଖିଦ୍‌ମତ୍ ଦର୍‌ଓ୍ୱେଶାନ୍ ସାହେବ ତାଙ୍କୁ ଲେଖିଲେ ଯେ, ଆପଣଙ୍କ ଓ୍ୱକ୍‌ଫ୍ ବିଷୟରେ ମୋତ ଜ୍ଞାତ ହୋଇଅଛି ଏବଂ ଆପଣଙ୍କର ଏହି ପଦକ୍ଷେପଟି ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଅର୍ଥାତ ଉତମ ଅଟେ । ଓ୍ୱକ୍‌ଫ୍ ଅନୁଯାୟୁ ଆପଣଙ୍କର ପ୍ରଥମ କର୍ତ୍ତବ୍ୟ ଏହା ହେବ କି

ଆପଣ ପ୍ରଥମେ ଧାର୍ମିକ ଶିକ୍ଷା ଆହରଣ କରନ୍ତୁ ଏବଂ ନିଜର କର୍ମକୁ ଇସ୍‌ଲାମ୍ ଓ ଅହେମଦିୟତ୍ ଅନୁଯାୟୀ ଗଢ଼ି ତୋଳନ୍ତୁ । କାରଣ ଏପରି କରିବା ଦ୍ୱାରା ଆପଣ ଅନ୍ୟମାନଙ୍କ ଆଗରେ ଏକ ଉତ୍କୃଷ୍ଟ ଉଦାହରଣ ସ୍ଥାପିତ କରିବେ । ସୁତରାଂ ୧୯୬୪ ମସିହାରେ ସେ ନିଜକୁ ୱକ୍‌ଫ୍ କଲେ ଏବଂ ସ୍ୱର୍ଗତାଙ୍କ ବିବାହ ଚୌଧୁରୀ ଅବ୍‌ଦୁଲ୍ଲାଃ ଦର୍‌ୱେଶ୍ ସାହେବଙ୍କ ସହିତ ହୋଇଥିଲା । ତାଙ୍କର ଔରସରୁ ଏକ କନ୍ୟା ଜାତ ହୋଇଥିଲା । କିନ୍ତୁ କିଛି ସମୟ ପରେ ତାଙ୍କ ସ୍ୱାମୀଙ୍କ ବିବାହ ବିଚ୍ଛେଦ ଘଟିଲା । ଏହାପରେ ସ୍ୱର୍ଗତାଙ୍କ ଦ୍ୱିତୀୟ ବିବାହ ସ୍ୱର୍ଗତ ଫୈଜ୍ ଅହେମଦ୍ ଗୁଜୁରାତି ଦର୍‌ୱେଶ୍ ସାହେବଙ୍କ ସହିତ ହୋଇଥିଲା । ଫୈଜ୍ ସାହେବଙ୍କ ଔରସରୁ ଏକ ପୁତ୍ର ସନ୍ତାନ ଲାଭ ହୋଇଥିଲା । କିନ୍ତୁ ଶୈଶବାବସ୍ଥାରେ ହିଁ ତା'ର ଅକାଳ ବିୟୋଗ ଘଟିଥିଲା । ସେ ଯାହା ହେଉ ନା କାହିଁକି ସ୍ୱର୍ଗତା ଅବସର ଗ୍ରହଣ କରିବା ପର୍ଯ୍ୟନ୍ତ ଦୀର୍ଘ ୩୦ ବର୍ଷ କାଦିୟାନ୍ ସ୍ଥିତ ନୁସ୍ରତ୍ ଉଚ୍ଚ ବାଳିକା ବିଦ୍ୟାଳୟରେ ହେଡ୍‌ମିଷ୍ଟ୍ରେସ୍ (ପ୍ରଧାନଧାପିକା) ଭାବରେ ସେବା କରିବାକୁ ସୌଭାଗ୍ୟ ଲାଭ କରିଥିଲେ ।

ଦ୍ୱିତୀୟ ଯନାଜାଃ ହେଉଛି ରାଜା ଖୁର୍ଶୀଦ୍ ଅହେମଦ୍ ମୁନୀର୍ ସାହେବ ମୁରବୀ ସିଲ୍‌ସିଲାଙ୍କର । ସେ ଆଜିକାଲି ଅଷ୍ଟ୍ରେଲିଆରେ ଥିଲେ । ସେଠାରେ ତାଙ୍କର ଦେହାନ୍ତ ହେଲ । **ଇନ୍ନା ଲିଲ୍ଲାହେ ୱ୍ୱ ଇନ୍ନା ଇଲୈହେ ରାଜେଉନ୍ ।** ସେ ମୁସି ଥିଲେ । ତାଙ୍କୁ ବହୁତ ଦିନ ପର୍ଯ୍ୟନ୍ତ ପାକିସ୍ତାନ ଓ କାଶ୍ମୀରରେ ବିଭିନ୍ନ ଇଲାକରେ ସେବା କରିବାର ସୌଭାଗ୍ୟ ମିଳିଛି । ସେ ଜଣେ ନିର୍ଭିକ ମୁରବୀ ସିଲ୍‌ସିଲା ଥିଲେ । କାଶ୍ମୀରରେ ଖିଦମତ୍ କରିବା ସମୟରେ ତାଙ୍କୁ ବହୁତ ବିରୋଧର ସମ୍ମୁଖିନ ହେବାକୁ ପଡ଼ିଛି । ୧୯୭୪ ମସିହାରେ ଅଶାନ୍ତ ସମୟରେ ସେ ବହୁତ ବାହାଦୁରି/ସାହାସର ସହିତ ବିରୋଧର ମୁକାବିଲା କରିଛନ୍ତି ।

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ରହେମୁଲ୍ଲାଃ ଗୋଟଏ ମିଟିଙ୍ଗରେ ତାଙ୍କ ସମ୍ବନ୍ଧରେ କହିଥିଲେ ଯେ ସେଠାରେ ଆମର ଜଣେ ବାହାଦୁର ମୁରବୀ ଅଛନ୍ତି । "ବାହାଦୁର୍ ମୁରବୀ" ପଦବୀରେ ଭୁଷିତ କଲେ । ରାଜା ଖୁର୍ଶୀଦ୍ ଅମେହଦ୍ ମୁନୀର୍ ସାହେବ ରାଓ୍ୱଲପେଣ୍ଡିଠାରେ ନିଜର ଏକ ଘର ମଧ୍ୟ ଖଲିଫତୁଲ୍ ମସିହ୍ ରାବେଙ୍କ ସମୟରେ ଜମାତକୁ ଦାନ ଦେଇଛନ୍ତି ଓ ସେ (ଖଲିଫା) ମଧ୍ୟ ତାଙ୍କର ଏହି ଦାନକୁ ଗ୍ରହଣ କଲେ ।

ରାଜା ସାହେବ ଭାରତ ପାକିସ୍ତାନ ବିଭାଜନ ପରେ ଅହେମଦ ଗନର ଚାଲିଯାଇଥିଲେ । ଜାମିଆ ଅହେମଦୀୟା ଯେଉଁଠି ସ୍ଥାପନ ହୋଇଥିଲା ସେଠାରେ ସେ ପଢୁଥିଲେ । ଖର୍ଚ୍ଚ ପୂରଣ କରିବାପାଇଁ ସେ ସେହି ଘର ଭିତରେ ହିଁ ଗୋଟିଏ ଛୋଟିଆ ଦୋକାନ ଖୋଲିଥିଲେ । ପୁଣି ୧୯୪୮ ମସିହାରେ ଫୁର୍କାନ୍ ବଟାଲିୟନ୍‌ରେ ସାମିଲ ହୋଇଥିଲେ । ୧୯୪୯ ମସିହାରେ ମୌଲବୀ ଫାଜିଲ୍ ପରୀକ୍ଷାରେ ଉତୀର୍ଣ୍ଣ ହେଲେ ଏବଂ ଜାମିଆର ଶାହୀଦ୍ ଡ଼ିଗ୍ରୀର ପ୍ରଥମ ଶ୍ରେଣୀର ପରୀକ୍ଷା ପାସ୍ କରିବା ପରେ ମୁରବୀ ସିଲ୍‌ସିଲା ଭାବରେ ପାକିସ୍ତାନର ବିଭିନ୍ନ ସ୍ଥାନରେ ଏବଂ କାଶ୍ମୀରରେ ସେବା କାର୍ଯ୍ୟ ସମ୍ପାଦନ କଲେ । ୧୯୭୪ ମସିହାରେ ତାଙ୍କ ଘର ଉପରେ ଆକ୍ରମଣ କରାଗଲା କିନ୍ତୁ ସେ ବହୁତ ସାହାସର ସହିତ ମୁକାବିଲା କଲେ ଏବଂ ଭିଡ଼ରେ ପଥର ମାଡ଼ରେ ଆକ୍ରାନ୍ତ ହୋଇ ଆହତ ମଧ୍ୟ ହେଲେ । କିନ୍ତୁ ଘରର ଲୋକମାନେ ସୁରକ୍ଷିତ ଥିଲେ । ସେ ସର୍ବଦା ଦୃଢ଼ ଭାବରେ ସ୍ଥିର ରହିବା ପାଇଁ ଉପଦେଶ ଦେଉଥିଲେ ଏବଂ କହୁଥିଲେ ଯେ ଐଶି ଜମାତ୍ ଉପରେ ଏହିପରି ବିପତି ଆସିଥାଏ । ପରୀକ୍ଷା ଆସିଥାଏ । ସେହି ଭଳି ବିପଦପୂର୍ଣ୍ଣ ପରିସ୍ଥିତିରେ ମଧ୍ୟ ବହୁତ ସାହସର ସହିତ ଜମାତଗୁଡ଼ିକୁ ଗସ୍ତ କରୁଥିଲେ । ଲୋକମାନଙ୍କ ଘରକୁ ଯାଉଥିଲେ । ବହୁତ ଥର ଏମିତି ହୋଇଛି ଯେ ଗସ୍ତ କରିବା ସମୟରେ ବିରୋଧିମାନେ ତାଙ୍କୁ ଧରି ମାରିଛନ୍ତି କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ସେ କୌଣସି ଅଭିଯୋଗ କରିନାହାନ୍ତି । ତାଙ୍କର ଚାରିଜଣ ପୁତ୍ର ଓ ଚାରିଜଣ ପୁତ୍ରୀ ଅଛନ୍ତି । ଆଜିକାଲି ସେ ଅଷ୍ଟ୍ରେଲିୟାରେ ଥିଲେ ସେଠାରେ ତାଙ୍କର ଦେହାନ୍ତ ହୋଇଛି ।

ପରବର୍ତୀ ଯନାଜାଃ ହେଉଛି ଜମିର୍ ଅହେମଦ୍ ନଦୀମ୍‌ଙ୍କର ୫୬ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି । **ଲା ଇଲାହା ଇଲ୍ଲଲ୍ଲାହୁ ମୁହମ୍ମଦୁର୍ ରସୁଲୁଲ୍ଲାଃ ।** ତାଙ୍କୁ କ୍ୟାନ୍‌ସର ଥିଲା । ତାଙ୍କର ଅଣ ଜେଜେ ରହିମ୍ ବଖ୍‌ଶ୍ ସାହେବ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବିଙ୍କ ଜରିଆରେ ୧୮୯୭ ମସିହାରେ ତାଙ୍କ ବଂଶରେ ଅହେମଦୀୟତ୍ ଆସିଛି । ଯେତେବେଳେ ତାଙ୍କର ଅଣ ଜେଜେ ଜାଣିବାକୁ ପାଇଲେ ଯେ ଇମାମ୍ ମେହେଦୀ ଆସି ଯାଇଛନ୍ତି, ଗୁର୍‌ଦାସ୍‌ପୁର ଜିଲ୍ଲାର ନିଜ ଗାଁ ଶିକାର ପୁର୍ ମାଛିଆଁରୁ ଜଲ୍‌ସାରେ ସାମିଲ ହେବାପାଇଁ କାଦିଆନ୍ ଗଲେ ଓ ସେଠାରେ ବୟତ କରିନେଲେ । ପୁଣି ଜଣେ ପ୍ରୀୟ ବ୍ୟକ୍ତି ମେହେର୍‌ଦୀନ୍ ସାହେବଙ୍କୁ ବତାଇଲେ । ସେ ମଧ୍ୟ କାଦିଆନ୍ ଯାଇ ବୟତ କରିନେଲେ । ପୁଣି ତାଙ୍କ ତବ୍‌ଲିଗ୍ ଦ୍ୱାରା ପ୍ରାୟ ସମ୍ପୂର୍ଣ୍ଣ ଗ୍ରାମଟି ଅହେମଦୀ ହୋଇଗଲା ।

ଜମିର୍ ସାହେବ୍ ଜାମିଆ ପାସ୍ କରିବା ପରେ ଇସ୍‌ଲାହ୍ ୱ୍ୱ ଇର୍‌ଶାଦ୍ ସ୍ଥାନୀୟ ଅନ୍ତର୍ଗତ କିଛି ଦିନ ବାହାରେ କାମ କରିଛନ୍ତି । ପୁଣି ମନ୍‌ସୁବା ବନ୍ଦି କମିଯି କାଯ୍ୟାଳୟରେ ତାଙ୍କର ନିଯୁକ୍ତି ହେଲା । ପୁଣି ନିଜାରତ୍ ଇସ୍‌ଲାହ୍ ୱ୍ୱ ଇର୍‌ଶାଦ୍ ମର୍କଜୀୟା ଅନ୍ତର୍ଗତ ସେବା କରିବାର ସୁଯୋଗ ପାଇଲେ । ୨୦୦୫ ମସିହାରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ନାଜିର୍ ୱ୍ୱସିୟତ୍ ଇସ୍‌ତିକ୍‌ବାଲିୟା ବିଭାଗର ସହଯୋଗୀ କର୍ମୀ ରୂପେ କାର୍ଯ୍ୟରତ ଥିଲେ । ଅଲ୍ଲାଃ ତାଲା ତାଙ୍କୁ ଗୋଟିଏ ପୁତ୍ର ଓ ଗୋଟିଏ ପୁତ୍ରୀ ଦେଇଛନ୍ତି । ତାଙ୍କ ପୁତ୍ର ମଧ୍ୟ ମୁରବୀ ସିଲ୍‌ସିଲା ଅଛନ୍ତି । ସେ ବହୁତ ସମ୍ପର୍କ ଯୋଡ଼ିବାରେ ମାହିର୍ ଥିଲେ । ବାସ୍କେଟ ବଲ୍‌ର ଭଲ ଖେଳାଳୀ ଥିଲେ । ସେଥିଯୋଗୁଁ ଲୋକ ସମ୍ପର୍କ ଭଲ ଥିଲା । ସେଥିରୁ ଲାଭ ମଧ୍ୟ ମିଳୁଥିଲା । ସେ ତହଜୁଦ୍ ପାଠକାରୀ ଥିଲେ । ଅଲ୍ଲାଃଙ୍କ ଉପରେ ବହୁତ ଭରଷା ଥଲା । ଅସୁବିଧା ଓ ସଙ୍କଟ ସମୟରେ ତତ୍‌କ୍ଷଣାତ୍ ଦୁଇ ରେକାତ୍ ନମାଜ ପଢ଼ିବା ଏବଂ ଖଲିଫାଙ୍କୁ ଚିଠି ଲେଖିବା ତାଙ୍କର ଅଭ୍ୟାସ ଥିଲା । ଅଲ୍ଲାଃ ତାଲାଙ୍କ କୃପାରୁ ଅଲ୍ଲାଃ ତାଲା ତାଙ୍କ ପ୍ରାର୍ଥନାକୁ ଗ୍ରହଣ (କୁବୁଲ୍) କରୁଥିଲେ ।

ପରବର୍ତୀ ଯନାଜାଃ ହେଉଛି Issa Mwaki Talima Sb ଙ୍କର ସେ ତାଞ୍ଜାନିୟା ନିବାସୀ ଥିଲେ । ବିଗତ ଦିନ ତାଙ୍କର ଦେହାନ୍ତ ହୋଇଗଲା । **ଲା ଇଲାହା ଇଲ୍ଲଲ୍ଲାହୁ ମୁହମ୍ମଦୁର୍ ରସୁଲୁଲ୍ଲାଃ ।** ସେ ଖ୍ରୀଷ୍ଟିଆନ ପରିବାରରେ ଜନ୍ମ ହୋଇଥିଲେ । ୧୯ ବର୍ଷ ବୟସରେ ଆଖପାଖର ପରିବେଶ ଯୋଗୁଁ ଧାର୍ମିକ ବାର୍ତାଳାପ କରିବାରେ ତାଙ୍କର ଆଗ୍ରହ ସୃଷ୍ଟି ହେଲା । ଫଳତଃ ସେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବାର ସୌଭାଗ୍ୟ ପାଇଲେ । କିଛି ବର୍ଷ ପରେ ଆମ ଯମାତ୍ ବିଷୟରେ ପରିଚିତ ହେଲେ ଓ ବହୁତ ଗବେଷଣା କରିବା ପରେ ୧୯୯୨ ମସିହାରେ ବୟତ କରି ଯମାତ୍ ଅହେମଦିୟାରେ ସାମିଲ ହେଲେ । ବୟତ ପରେ ତାଙ୍କ ମଧ୍ୟରେ ଏକ ପବିତ୍ର ପରିବର୍ତନ ସୃଷ୍ଟି ହେଲା । ତେଣୁ ତାଙ୍କ ସମ୍ପର୍କୀୟମାନେ ମଧ୍ୟ ଏହାକୁ ଅନୁଭବ କଲେ । ତାଙ୍କର ଏପରି ପରିବର୍ତନକୁ ଦେଖି ତାଙ୍କ ସ୍ତ୍ରୀ ମଧ୍ୟ ବହତ କରିନେଲେ । ବୟତ ପରେ ସେ ତାଙ୍କର ଧର୍ମ ଜ୍ଞାନକୁ ବଢ଼ାଇବା ପାଇଁ ବହୁତ ପରିଶ୍ରମ କରିଛନ୍ତି । ନିଜର କାମ କରିବା ସମୟରେ ମଧ୍ୟ ଇସ୍‌ଲାମ୍ ଅହେମଦିୟତ୍‌ର ତବ୍‌ଲିଗ୍‌କୁ ହାତ ଛଡ଼ା କରୁନଥିଲେ । ଚାନ୍ଦା ପଇଠ କରିବାରେ ସେ, ଆଗରେ ରହୁଥିଲେ । ବାରମ୍ବାର ଏକଥା ସେ କହିଛନ୍ତି ଯେ, ଈଶ୍ୱରଙ୍କ ମାର୍ଗରେ ଚାନ୍ଦା ଦେଲେ ସେଥିରେ ବହୁତ ବରକତ୍ ହୋଇଥାଏ । ସେ କାରବାର କରୁଥିଲେ ଅତ୍ୟନ୍ତ ମେଳାପି ଶାନ୍ତ ଓ ବିନମ୍ର ମଣିଷ ଥିଲେ । ୱାକିଫିନେ ଜିନ୍ଦଗୀ, ଜମାତ୍‌ର ୱ୍ୱହଦାଦାର ଏବଂ ଜମାତ୍‌ର କର୍ମୀମାନଙ୍କ ସହିତ ବହୁତ ସମ୍ମାନ ପ୍ରଦର୍ଶନ କରୁଥିଲେ । ସେ ୱ୍ୱସିୟତ୍ କରିଥିଲେ ତାଙ୍କ ଅନ୍ତେ ତାଙ୍କ ପରିବାରରେ ଦୁଇଜଣ ସ୍ତ୍ରୀ ଓ ଦଶଜଣ ସନ୍ତାନ ଅଛନ୍ତି ।

ଅମୀର ଏବଂ ମିଶ୍‌ନାରୀ ଇନ୍‌ଚାର୍ଜ ତାଞ୍ଜାନିୟା ଲେଖିଛନ୍ତି ଯେ, ତାଙ୍କୁ ଦାରୁସ୍ ସଲାମ୍‌ର ରିଜିଓନାଲ୍ ପ୍ରେସିଡ଼େଂଟ ଭାବେ ନିଯୁକ୍ତ କରାଯାଇଥିଲା । ତାଙ୍କ ସ୍ୱଭାବରେ ଉଦାରତା ବହୁତ ଥିଲା ସେଥିପାଇଁ ଲୋକମାନଙ୍କ ହୃଦୟରେ ସେ ଘର କରିନେଉଥିଲେ । ସେ ନୀରବ ଭାବରେ ସେବା କାର୍ଯ୍ୟ କରୁଥିବା ସମ୍ମାନୀତ ବ୍ୟକ୍ତି ଥିଲେ । ପୁଣି ସେ ନାଏବ୍ ଅମୀର୍ ତାଞ୍ଜାନିୟା ରୂପେ ନିଯୁକ୍ତ ହେଲେ ଓ ଏହି ପଦବୀରେ ରହି ତାଙ୍କର କର୍ତବ୍ୟକୁ ବହୁତ ସୁନ୍ଦର ଭାବରେ ନିର୍ବାହ କଲେ । ବହୁତ ଜ୍ଞାନୀ ଥିଲେ, ସର୍ବଦା ଜମାତ୍ର ନିଜାମ୍‌ଙ୍କୁ ସମ୍ମାନୀତ ଦୃଷ୍ଟିରେ ଦେଖୁଥିଲେ ଅହେମଦୀମାନଙ୍କୁ ଆପୋଷରେ ମିଳିମିଶି ରହିବା ପାଇଁ ଓ ଖିଲାଫତେ ଅହେମଦିୟା ସହିତ ଯୋଡ଼ି ହୋଇ ରହିବା ପାଇଁ ସର୍ବଦା ଉତ୍ସାହିତ କରୁଥିଲେ । ଜମାତି କର୍ମୀମାନଙ୍କ ନିଜି ଆବଶ୍ୟକତାର ମଧ୍ୟ ବହୁତ ଧ୍ୟାନ ରଖୁଥିଲେ ଯଥା ସମ୍ଭବ ସେମାନଙ୍କୁ ସାହାଯ୍ୟ କରୁଥିଲେ ଏପରିକି ସକାଳ ବେଳା ନିଜ କାମକୁ ଯିବା ସମୟରେ କର୍ମୀମାନଙ୍କୁ ନିଜ ଗାଡ଼ିରେ ଅଫିସ୍ ନେଇ ଯାଉଥିଲେ । କାରଣ ବସ୍‌ରେ ଆସିବା ଦ୍ୱାରା ତାଙ୍କର ସମୟ ନଷ୍ଟ ନ ହେଉ । ନିଜ ଘରେ ଗୋଟିଏ କୋଠରୀକୁ ନମାଜ ସେଂଟର ଭାବରେ ତିଆରି କରିଥିଲେ । ଯେଉଁଠି ସେ ନମାଜ ପାଠ କରନ୍ତି । ମୁସିମାନଙ୍କୁ ସମ୍ପତି ଭାଗ ଦେବାପାଇଁ ଯେତେବେଳେ ଆହ୍ୱାନ କରାଗଲା । ସେତେବେଳେ ସେ ସର୍ବପ୍ରଥମେ ନିଜର ଦୁଇଟି ମୁଲ୍ୟବାନ ସମ୍ପତିର ମୂଲ୍ୟ ନିର୍ଦ୍ଧାରଣ କରାଇଲେ ଓ ତାହାର ସମ୍ପତି ଭାଗ ପ୍ରଦାନ କଲେ ।

ପରବର୍ତୀ ଯନାଜାଃ ହେଉଛି କାଦିୟାନ୍‌ର ନିର୍ମାଣ ବିଭାଗର ସୁପରଭାଇଜର ସମ୍ମାନନୀୟ ସ୍ୱର୍ଗତ ଶେଖ୍ ମୁବଶ୍‌ଶିର ଅହେମଦ ସାହେବଙ୍କର । ସେ ଭାରତର ଓଡ଼ିଶା ପ୍ରଦେଶସ୍ଥ ଖୋର୍ଦ୍ଧା ଜିଲ୍ଲ ଅନ୍ତର୍ଗତ କେରଙ୍ଗ ଗ୍ରାମର ଅଧିବାସୀ, ଶେଖ୍ ଇସ୍ରାର୍ ଅହେମଦ୍ ସାହେବଙ୍କ ସୁପୁତ୍ର ଥିଲେ । ତାଙ୍କର ମଧ୍ୟ ବିଗତ ଦିନ କରୋନା ରୋଗ ଯୋଗୁଁ ୩୩ ବର୍ଷ ବୟସରେ ଅକାଳ ମୃତ୍ୟୁ ଘଟିଥିଲା । **ଇନ୍ନା ଲିଲ୍ଲାହେ ୱ୍ୱ ଇନ୍ନା ଇଲୈହେ ରାଜେଉନ୍ ।** । ସ୍ୱର୍ଗତ ଆବାଲ୍ୟ ଅହେମଦି ଥିଲେ । ତାଙ୍କର ପରିବାର ପୁରାତନ ଅହେମଦି ବଂଶୀୟ ଅଟେ । ସେ ଅତ୍ୟନ୍ତ ସଭ୍ୟ ଚରିତ୍ରବତା ଏବଂ ନମାଜ ପାଠକାରୀ ତଥା ଧର୍ମସେବା ପାଇଁ ସର୍ବଦା ତତ୍ପରତା ପ୍ରକାଶ କରୁଥିବା ଜଣେ ଯୁବ ସ୍ୱେଚ୍ଛାସେବୀ ଥିଲେ । ପିଲାଟି ଦିନୁ ହିଁ ମସ୍‌ଜିଦ୍ ସହିତ ତାଙ୍କର ନିବିଡ଼ ସମ୍ପର୍କ ରହିଥିଲା । ଦୀର୍ଘ ଆଠ ବର୍ଷ ଧରି ସ୍ୱର୍ଗତ କାଦିୟାନ୍‌ର ନିଜାମତ୍ ତାମିରାତ୍ (ନିର୍ମାଣ ବିଭାଗ) ଅଧିନରେ ଅତ୍ୟନ୍ତ ସଦ୍‌ବ୍ୟବହାରର ସହିତ ସୁପରଭାଇଜର୍ ରୂପେ ସେବା କରି ଆସୁଥିଲେ । ସେ ଅତ୍ୟନ୍ତ ଗମ୍ଭୀରତାର ସହକାରେ କାର୍ଯ୍ୟ କରୁଥିଲେ । ସେ କାର୍ଯ୍ୟର ଗହ୍ନତା ମଧ୍ୟକୁ ଯାଇ କାର୍ଯ୍ୟକୁ ଅନୁଧ୍ୟାନ କରୁଥିଲେ । ମୃତକଙ୍କ ପରିବାରରେ ବିଧବା ପତ୍ନୀଙ୍କ ବ୍ୟତୀତ ଅଭିଭାବକ ଏବଂ ଦୁଇ ଭାଇ ଓ ଜଣେ ଭଉଣୀ ସାମିଲ ଅଛନ୍ତି ।

ପରବର୍ତୀ ଯନାଜାଃ ହେଉଛି ମୋକରମ୍ ସୈଫ୍ ଅଲୀ ଶାହିଦ୍ ସାହେବଙ୍କର । ତାଙ୍କର ଦେହାନ୍ତ ସିଡ଼ିନୀଠାରେ ହୋଇଛି । **ଲା ଇଲାହା**

ଇଲ୍ଲଲ୍ଲାହୁ ମୁହମ୍ମଦୁର୍ ରସୁଲୁଲ୍ଲାଃ । ଅଲ୍ଲାଃଙ୍କ କୃପାରୁ ସେ ମୁଶୀ ଥିଲେ । ତାଙ୍କ ଅଜାଘର ତରଫରୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବା ଚୌଧୁରୀ ମୁହମ୍ମଦ ଅଲୀ ସାହେବ ଥିଲେ ଏବଂ ଚୌଧୁରୀ ଗାମେ ଖାନ୍ ସାହେବ ମଧ୍ୟ ଥିଲେ । ସେ ଗାମେ ଖାନ୍ ସାହେବଙ୍କର ନାତୀ ଥିଲେ । ଫୈଦର ଅଲୀ ଜଫର୍ ସାହେବ୍ ହେଉଛନ୍ତି ତାଙ୍କର ଭାଇ ଯିଏ ଜର୍ମାନୀରେ ମୁବଲିଗ୍ ସିଲ୍‌ସିଲା ଅଛନ୍ତି ଏବଂ ଆଜିକାଲି ନାଏବ୍ ଅମୀର ମଧ୍ୟ ଅଛନ୍ତି । ସେ କହୁଛନ୍ତି ଯେ, ୧୯୬୧ ମସିହାରେ ସେ ମେଟ୍ରିକ ପାଶ୍ କରି ହାଇଦ୍ରାବାଦ୍‌ରେ ଚାକିରି କଲେ । ତା'ପରେ ଆମ ଦୁଇଭାଇଙ୍କର ଶିକ୍ଷା ଖର୍ଚ୍ଚ ମଧ୍ୟ ସେ ବହନ କରୁଥିଲେ ଏବଂ ଆମ ବାପାମାଆଙ୍କର ମଧ୍ୟ ବହୁତ ସେବା କରିଛନ୍ତି । ସେ ଅତ୍ୟନ୍ତ ମେଳାପୀ ନମ୍ର ବଚନ କହୁଥିବା ବ୍ୟକ୍ତି ଏବଂ ବିନମ୍ର ମଣିଷ ଥିଲେ । ପିଲାମାନଙ୍କୁ ସ୍ନେହ ଓ ଯୁବକମାନଙ୍କୁ ପ୍ରେମ ପୂର୍ଣ୍ଣ ବ୍ୟବହାର କରୁଥିଲେ । ନିଜାମେ ଜମାତ୍ ଏବଂ ଖିଲାଫତ୍ ସହିତ ତାଙ୍କର ବହୁତ ପ୍ରେମ ଥିଲା ଓ ଆଜ୍ଞାବହତାର ସମ୍ପର୍କ ଥିଲା । ସେ ନିଜର ସନ୍ତାନମାନଙ୍କୁ ମଧ୍ୟ ଖିଲାଫତ୍ ସହିତ ପ୍ରେମ ଓ ଆଜ୍ଞାବହତା ସ୍ୱୀକାର କରିବାପାଇଁ ଉପଦେଶ ଦେଉଥିଲେ । ଓ୍ୱହଦାଦାରମାନଙ୍କର ବହୁତ ସମ୍ମାନ କରୁଥିଲେ । କୌଣସି ଓ୍ୱହଦଦାରଙ୍କ ବିରୋଧରେ କୌଣସି କଥା ଶୁଣିବାକୁ ସେ ଚାହୁଁନଥିଲେ । ସେ ବହୁତ ପ୍ରାର୍ଥନା କରୁଥିବା ବ୍ୟକ୍ତି ଥିଲେ । ତହ୍‌ଯୁଦ୍ ନମାଜ ପଢୁଥିଲେ, ନମାଜକୁ ସଠିକ୍ ସମୟରେ ଧୀରସ୍ଥିର ଭାବରେ ପଢୁଥିଲେ । ସେ ଯେତେବେଳେ ପାକିସ୍ତାନରେ ଥିଲେ ସେକ୍ରେଟାରୀ ମାଲ୍, ସେକ୍ରେଟାରୀ ଓ୍ୱକ୍‌ଫେ ଜଦିଦ୍ ରୂପେ କାର୍ଯ୍ୟ କରିଥିଲେ । ପୁଣି ମୀରପୁର ଖାସ୍ ଠାରେ ହଜ୍‌ରତ୍ ଖଲିଫତୁଲ୍ ମସିହ ରାବେ ତାଙ୍କୁ ସଦର ନମାଜ ଭାବେ ନିଯୁକ୍ତ କଲେ ଏବଂ ଇମାରତ୍ ସ୍ଥାପନ ହେବା ପର୍ଯ୍ୟନ୍ତ ସେ ସେଠାରେ ସଦର ଯମାତ୍ ଭାବରେ ରହିଥିଲେ । ଡ଼ାକ୍ତର ଅବ୍‌ଦୁଲ୍ ମନାନ୍ ସିଦ୍ଦିକ୍ ସାହେବ୍‌ଙ୍କ ଶହୀଦ ହେବା ପରେ ତାଙ୍କୁ ସ୍ଥାନୀୟ ଅମୀର୍ ଏବଂ ଜିଲ୍ଲା ଅମୀର ଭାବରେ ସେବା କରିବାର ସୌଭାଗ୍ୟ ମିଳିଛି । ଅଷ୍ଟ୍ରେଲିଆ ଯିବା ପର୍ଯ୍ୟନ୍ତ ସେ ଜିଲ୍ଲା ମୀରପୁର ଖାସ୍‌ର ଅମୀର ଥିଲେ । ଜେଲି ତନ୍‌ଜିନ୍ ଗୁଡ଼ିକରେ ମଧ୍ୟ ସେ ବହୁତ କାର୍ଯ୍ୟ କରିଛନ୍ତି । ସେହିଭଳି ସେ ଅଷ୍ଟ୍ରେଲିଆରେ କଜା ବୋର୍ଡ଼ର ସଦସ୍ୟ ଥିଲେ । ନାଏବ୍ ସଦର ଅଓ୍ୱଲ୍ ଅନ୍‌ସାରୁଲ୍ଲାଃ ଥିଲେ । ସେହିଭଳି ଯମାତ୍‌ରେ ୨୦୧୬ ମସିହା ଠାରୁ ସେକ୍ରେଟାରୀ ରିଷ୍ଟାନାତା ଭାବରେ କାର୍ଯ୍ୟ କରୁଥିଲେ । ତାଙ୍କର ଦୁଇଜଣ ପୁତ୍ର ତାଙ୍କ ଜୀବଦସାରେ ହିଁ ମୃତ୍ୟୁବରଣ କରିଛନ୍ତି ତେଣୁ ସେ ଏହି ଦୁଃଖକୁ ବହୁତ ଧୈର୍ଯ୍ୟର ସହିତ ବରଦାସ୍ତ କରିଛନ୍ତି । ତାଙ୍କ ଅନ୍ତେ ତାଙ୍କ ପତ୍ନୀଙ୍କ ବ୍ୟତିତ ତାଙ୍କର ଚାରିଜଣ ପୁତ୍ର ମଧ୍ୟ ଅଛନ୍ତି ।

ପରବର୍ତ୍ତୀ ଯନାଜାଃ ହେଉଛି ମୋକରମ୍ ମସ୍‌ଉଦ୍ ଅହେମଦ୍ ହୟାତ୍ ସାହେବ ସୁପୁତ୍ର ରଶିଦ୍ ଅହେମଦ୍ ହୟାତ୍ ସାହେବଙ୍କର । ୮୦ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି । **ଲା ଇଲାହା ଇଲ୍ଲଲ୍ଲାହୁ ମୁହମ୍ମଦୁର୍ ରସୁଲୁଲ୍ଲାଃ** । ତାଙ୍କ ବଂଶରେ ମଧ୍ୟ ତାଙ୍କ ଜେଜେ ହଜ୍‌ରତ୍ ବାବୁ ଉମର୍ ହୟାତ୍ ସାହେବ୍ ସୁପୁତ୍ର ଚୌଧୁରୀ ପୀର୍ ବକ୍‌ଶ୍ ସାହେବଙ୍କ ଜରିଆରେ ଅମେହଦିୟତ୍ ଆସିଥିଲା । ଉମର୍ ହୟାତ୍ ର:ଅ ୧୪ ବର୍ଷ ବୟସରେ ୧୮୯୮ ମସିହାରେ ବୟତ କରି ଅହେମଦିୟତ୍‌ରେ ସାମିଲ ହୋଇଥିଲେ । ପ୍ରଥମେ ସେ ସେନାରେ ଚାକିରି କଲେ ତା'ପରେ ପୁଣି ସେ କେନିୟା ଚାଲିଗଲେ । ମସ୍‌ଉଦ୍ ହୟାତ୍ ସାହେବ ୧୯୬୭ ମସିହାରେ କେନିୟାରୁ ୟୁ.କେ ଚାଲି ଆସିଲେ ପୁଣି ଏଠାରେ ହିଁ ସ୍ଥାୟୀ ଭାବରେ ବସବାସ କଲେ । ସେ ଅତ୍ୟନ୍ତ ସ୍ୱଚ୍ଛ ସ୍ୱଭାବ କମା ନମାଜ ଏବଂ ରୋଜାକୁ ନିୟମିତ ପାଳନ କରୁଥିଲେ । ସେ ବହୁତ ମେଳାପୀ ଅତିଥି ପରାୟଣ ଓ ଦୟାଳୁ ବ୍ୟକ୍ତି ଥିଲେ । ତାଙ୍କୁ ଦୁଇଥର ହଜ୍ କରିବାର ସୌଭାଗ୍ୟ ମିଳିଛି । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେଙ୍କ ସହିତ ବିଭିନ୍ନ ଦେଶ ଗସ୍ତ କରିବା ସମୟରେ ଡ୍ରାଇଭିଙ୍ଗ ଏବଂ ସିକ୍ୟୁରିଟି ବିଭାଗରେ ସେବା କରିବାର ତାଙ୍କୁ ସୌଭାଗ୍ୟ ମିଳିଛି । ୧୯୮୩ ମସିହାରେ ଯେତେବେଳେ ବୟତୁଲ୍ ଅହଦ୍ (Walthamstow Mosque) ଖରିଦ୍ କରାଗଲା । ସେ ସେଥିରେ ସବୁଠାରୁ ଅଧିକା ଚାନ୍ଦା ଦେଇଥିଲେ ସେ ସେହିପରି ତାଙ୍କ ସ୍ତ୍ରୀ ମଧ୍ୟ ବହୁତ ଚାନ୍ଦା ଦେଇଥିଲେ । ଈଶ୍ୱରଙ୍କ କୃପାରୁ ସେ ବହୁତ ମାଲ୍‌ଦାର୍ ଥିଲେ ଓ ସେ ସେହି ଧନରୁ ବହୁତ ବଡ଼ ଅଂଶ ଅଲ୍ଲାଃ ତାଲାଙ୍କ ମାର୍ଗରେ ମଧ୍ୟ ଖର୍ଚ୍ଚ କରୁଥିଲେ । ଯେତେବେଳେ ରେଡ୍ ବ୍ରିଜ୍ ପୂର୍ବ ଲଣ୍ଡନର ଯମାତ୍ ଅଲଗା ହେଲା ସେତେବେଳେ ସେହି ଯମାତ ନିକଟରେ କୌଣସି ମସ୍‌ଜିଦ୍ ନଥିଲା ତେଣୁ ସେ ନିଜ ଘରର ଏକ ଅଂଶକୁ ଯମାତୁ ଦେଇଦେଲେ । ଯେଉଁଠି ତିନିବର୍ଷ ପର୍ଯ୍ୟନ୍ତ ଜମାତ୍ ସେଂଟର କାଏବ ରହିଥିଲା ଏବଂ ଜମାତ୍‌ର ବିଭିନ୍ନ କାମ ମଧ୍ୟ ସମ୍ପାଦନ ହେଉଥିଲା । ତାଙ୍କର ଦୁଇଜଣ ପୁତ୍ର ଅଛନ୍ତି । ତାଙ୍କର ପ୍ରଥମ ପତ୍ନୀ ମୃତ୍ୟୁବରଣ କରିସାରିଛନ୍ତି । ତାଙ୍କର ଦ୍ୱିତୀୟ ପତ୍ନୀ ଓ ଦୁଇଜଣ ପୁତ୍ର ଅଛନ୍ତି ।

ଅଲ୍ଲାଃ ତାଲା ଏହି ସମସ୍ତ ମରହୁମୀନ୍ ମାନଙ୍କର ଦୋଷ ଦୃବଳତା ଘୋଡ଼ାଇ ସେମାନଙ୍କ ଉପରେ ଦୟା ଅବତୀର୍ଣ୍ଣ କରନ୍ତୁ ଏବଂ ସେମାନଙ୍କ ସନ୍ତାନମାନଙ୍କୁ ମଧ୍ୟ ଅହେମଦି ସହିତ ଯୋଡ଼ି ରଖନ୍ତୁ ଏବଂ ସେହି ସନ୍ତାନମାନଙ୍କୁ ସପକ୍ଷରେ ସେମାନଙ୍କର ପ୍ରାର୍ଥନା ଗ୍ରହଣୀୟ ହେଉ । ଯେପରି କି ମୁଁ କହିସାରିଛି ଯେ, ନମାଜ ପରେ ମୁଁ ଏହି ସମସ୍ତ ଲୋକମାନଙ୍କର ନମାଜ ଯନାଜାଃ ପଢ଼ାଇବି । ଆମିନ୍ ।

ꕥꕥꕥꕥꕥꕥꕥꕥꕥ

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ .....

ଈଶ୍ୱର ସମସ୍ତଙ୍କୁ ହିଁ ପାଳୁଛନ୍ତି ସେ ଯେତେବେଳେ ଏକଥା କହିଲେ ଯେ, ମୁଁ ହେଉଛି ସାରା ବ୍ରହ୍ମାଣ୍ଡର ପାଳନକର୍ତା ତା' ସହିତ ଏକଥା ମଧ୍ୟ କହିଲେ ଯେ, ମୁଁ ହେଉଛି ରହ୍‌ମାନ୍ ଅର୍ଥାତ ବିନା ପାରଶ୍ରମିକରେ ପ୍ରଦାନ କରିବାବାଲା ଓ ମୁଁ ହେଉଛି ରହିମ୍ ଅର୍ଥାତ ଚେଷ୍ଟା କରୁଥିବା ଲୋକର ଉପଯୁକ୍ତ ପ୍ରାପ୍ୟ ପ୍ରଦାନ କରିବାବାଲା । ସେ ମଣିଷ ଉପରେ ଦୟା କରି ବିନା ମାଗିବାରେ ମଧ୍ୟ ଦେଇଥାଏ ଓ ଯେଉଁମାନେ ମାଗିଥାନ୍ତି ସେମାନଙ୍କୁ ମଧ୍ୟ ତାଙ୍କ ମାଗିବାଠାରୁ ଅଧିକା ମଧ୍ୟ ଦେଇଥାଏ । ଅର୍ଥାତ ଈଶ୍ୱରଙ୍କର କିଏ ଉପାସନା କରୁ ବା ନ କରୁ କିଏ ତା'ଠାରୁ ମାଗୁ ବା ନ ମାଗୁ ତା'ର କରୁଣା ପ୍ରତ୍ୟେକଙ୍କୁ ପ୍ରାପ୍ତ ହୋଇଥାଏ ଓ ସେ ସମସ୍ତଙ୍କର ଆବଶ୍ୟକତାକୁ ପୂରଣ କରିଥାଏ । ସେହିଭଳି ଯଦି କିଏ ତା'ଠାରୁ ମାଗେ ତା'ହେଲେ ସିଏ ତାକୁ ମଧ୍ୟ ଆହୁରି ଅଧିକା ଦେଇଥାଏ ।

ହଜୁର ଅନୱର ଅ:ବ:ଅ କହିଲେ: ପୁଣି ଚର୍ଚ୍ଚର ପ୍ରତିନିଧି କିଛି ଏପରି କଥା କହିଲେ ତାହା ଆମ ଶିକ୍ଷାର ବିପରୀତ କିନ୍ତୁ ମତଭେଦ ତ' ନିଶ୍ଚିତ ରୂପେ ରହିଛି କାରଣ ଯେମିତି ମୁଁ କହିଲି ପ୍ରତ୍ୟେକ ଧର୍ମର ନିଜର ନିଜସ୍ୱ ଶିକ୍ଷା ରହିଛି ଓ ସେଥିରେ ମତଭେଦ ମଧ୍ୟ ରହିଛି କିନ୍ତୁ ଅସଲ ଜିନିଷ ଏହା ଦେଖିବା କଥା ଯେ, ତାହାର ଉଦ୍ଦେଶ୍ୟ କ'ଣ ଯଦି ଇସ୍‌ଲାମ୍ ମହିଳାମାନଙ୍କ ସମ୍ବନ୍ଧରେ ଏମିତି ଶିକ୍ଷା ଦେଇଛି ଯେ, ସେମାନେ ଏହା ନ କରନ୍ତୁ ବୋଲି ତେବେ ଏହାର ଅର୍ଥ ନୁହେଁ ଯେ, ମହିଳାମାନଙ୍କ ସମ୍ମାନକୁ କମ୍ କରାଯାଉ, ମହିଳାମାନଙ୍କର ପଦମର୍ଯ୍ୟାଦାକୁ କମ୍ କରାଯାଉ ବରଂ ଏପରି କରିବା ଦ୍ୱାରା ତାହାର ଉଦ୍ଦେଶ୍ୟ ଏହା ଥିଲା କି, ଏହା ଦ୍ୱାରା ମହିଳାମାନଙ୍କର ପଦମର୍ଯ୍ୟାଦା ଓ ସମ୍ମାନ ପ୍ରତିଷ୍ଠା ହେବ । ଯେମିତି କି ମୁଁ ପୂର୍ବରୁ ଏକଥା ବତାଇଛି ଯେ, ଏହାଠାରୁ ବଳି ଅଧିକା କ'ଣ ହୋଇପାରେ ଯେ, ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଏହା କହିଛନ୍ତି ଯେ, ମହିଳାମାନଙ୍କ ପାଦତଳେ ବୈକୁଣ୍ଠ ଅଛି ପୁରୁଷମାନଙ୍କ ପାଦ ତଳେ ନୁହେଁ । ଏହି ପଦମର୍ଯ୍ୟାଦା ମହିଳାମାନଙ୍କୁ ଏଥିପାଇଁ ମିଳିଛି ଯେ, ସେ ନିଜର ସନ୍ତାନମାନଙ୍କର ଲାଳନପାଳନ କଲେ ଓ ଜାତିର ନିର୍ମାଣ କଲେ ଓ ପୂଣ୍ୟବତୀ ମହିଳା ହେଉଛି ସେ, ଯାହା କୋଳରେ ବଢୁଥିବା ସନ୍ତାନ ଆଗକୁ ଯାଇ କାନୁନ୍‌ର ସମ୍ମାନ କରିଥାନ୍ତି, ଉତମ ଚରିତ୍ର ଓ ନୈତିକ ତା ଦେଖାଇଥାନ୍ତି ଏବଂ ଚାରିତ୍ରିକ ମୂଲ୍ୟବୋଧର ସୁରକ୍ଷା କରିଥାନ୍ତି । ସେମାନଙ୍କଠାରେ ଧୈର୍ଯ୍ୟ ଓ ସହନଶୀଳତାର ଗୁଣ ରହିଥାଏ ଜଣେ ଅନ୍ୟ ଜଣଙ୍କ ଧର୍ମ ପ୍ରତି ସଦ୍ ବ୍ୟବହାର କରିଥାଏ । ସୁତରାଂ ଅସଲ କଥା ହେଉଛି ଏହାର ଉଦ୍ଦେଶ୍ୟ କ'ଣ । ଯଦି ଆମ ନିକଟରେ ଏହାର ଉଦ୍ଦେଶ୍ୟ ହେଉଛି ପୂଣ୍ୟ ଉଦ୍ଦେଶ୍ୟ ତେବେ ବାକି ଅନ୍ୟ ଧର୍ମମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଶିକ୍ଷା ରହିଛି ସେଥିପାଇଁ ତ' ପ୍ରତ୍ୟେକଙ୍କର ନିଜ ନିଜର ଧର୍ମ ରହିଛି ଓ ସେଥିରେ ପରିଚାଳିତ ହେଉଛି ।

ହଜୁର ଅନୱର ଅ:ବ:ଅ କହିଲେ: ଏ ପୃଥିବରେ ମତଭେଦକୁ ଦୂର କରିବା

ତହ୍‌ରିକ୍-ଏ-ଜଦିଦ୍ ଚାନ୍ଦା ସମ୍ପୂର୍ଣ୍ଣ ରୂପେ ପଇଠ କରିବା ପ୍ରତି ଧ୍ୟାନ ଦିଅନ୍ତୁ

ଯେମିତି କି ଜମାତ୍‌ର ସଦସ୍ୟମାନେ ଏ କଥା ଜାଣିଛନ୍ତି ଯେ ତହ୍‌ରିକ୍-ଏ-ଜଦିଦ୍‌ର ଚଳିତ ବର୍ଷରୁ ଛଅ ମାସ ବିତିଗଲାଣି । ଓ୍ୱକାଲତେ ମାଲ୍‌ଙ୍କ ସମୀକ୍ଷା ମୁତାବକ ଏ ପର୍ଯ୍ୟନ୍ତ ଅନେକ ଓ୍ୱାଦା (ଅର୍ଥାତ ପ୍ରତିଜ୍ଞା) କରିଥିବା ଲୋକମାନଙ୍କର ଚାନ୍ଦା ପଇଠ ହେବାକୁ ବାକି ଅଛି । ହିନ୍ଦୁସ୍ଥାନର ସମସ୍ତ ଜିଲ୍ଲା ଅମୀର୍, ସ୍ଥାନୀୟ ଅମୀର ଏବଂ ସଦର୍ ସାହେବ ଓ ତହ୍‌ରିକ୍-ଏ-ଜଦିଦ୍‌ର ସେକ୍ରେଟାରୀ ସାହେବମାନଙ୍କୁ ଅନୁରୋଧ କରାଯାଉଅଛି ଯେ ସେମାନେ ସ୍ଥାନୀୟ ମୁବଲ୍ଲିଗୀନ୍ ଓ ମୁଅଲ୍ଲମୀନ୍ ସାହେବମାନଙ୍କ ସାହାଯ୍ୟ ଓ ସହଯୋଗ ନେଇ ଚାନ୍ଦା ତହ୍‌ରିକ୍-ଏ-ଜଦିଦ୍ ପଇଠ କରିବା ସମ୍ବନ୍ଧରେ ''ହଫ୍‌ତା ମାଲ୍ ତହ୍‌ରିକ୍-ଏ-ଜଦିଦ୍'' ପାଳନ କରନ୍ତୁ ଫଳତଃ ସୟଦନା ହଜୁର ଅନୱରଙ୍କ ତରଫରୁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ମୁତାବକ ବରଂ ତା'ଠାରୁ ଅଧିକା ଅସୁଲ୍ କରିବାପାଇଁ ସାମର୍ଥ୍ୟ ପ୍ରାପ୍ତ ହୋଇପାରିବ । ଆମିନ୍ !

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହିଛନ୍ତି: ''ଏକଥା ଭାବ ନାହିଁ ଯେ ତହ୍‌ରିକ୍-ଏ-ଜଦିଦ୍ ମୋ ତରଫରୁ ଧାର୍ଯ୍ୟ କରାଯାଇଅଛି, ନୁହେଁ ବରଂ ଏହାର ଗୋଟିଏ ଗୋଟିଏ ଶବ୍ଦକୁ ମୁଁ ପବିତ୍ର କୁର୍‌ଆନ୍‌ରୁ ପ୍ରମାଣ କରିପାରେ ଓ ଗୋଟିଏ ଗୋଟିଏ ନିର୍ଦ୍ଦେଶକୁ ରସୁଲେ୍ କରିମ୍ ସ:ଆ:ସଙ୍କ ଆଦେଶାବଳୀରୁ ଦେଖାଇ ପାରିବି କିନ୍ତୁ ଚିନ୍ତା କରୁଥିବା ମସ୍ତିଷ୍କ ଓ ବିଶ୍ୱାସୀ ହୃଦୟର ଆବଶ୍ୟକ ରହିଛି । ଅତଏବ ଏକଥା ଭାବନାହିଁ ଯେ ଯାହା ମୁଁ କହିଲି ତାହା ମୋ ତରଫରୁ ବରଂ ସେ କହିଛି ଯାହା ହାତରେ ତୁମର ଜୀବନ ରହିଛି । ମୁଁ ଯଦି ମରି ଯାଏ, ତା'ହେଲେ ମଧ୍ୟ ସେ ଅନ୍ୟ ଦ୍ୱାରା ଏହା କୁହାଇବେ ଓ ତାଙ୍କ ମୃତ୍ୟୁ ପରେ ଆଉ କାହା ଦ୍ୱାରା । ଯାହା ବି ହେଉ ସେ ଛାଡ଼ିବ ନାହିଁ ଯେ ପର୍ଯ୍ୟନ୍ତ ତୁମେ ଏହାକୁ ସମ୍ପୂର୍ଣ୍ଣ ରୂପେ ଅନୁସରଣ ନ କରିଛ'' ।

(ଖୁତ୍‌ବା ଜୁମା ପ୍ରଦତ ୧୩ ଡ଼ିସେମ୍ବର ୧୯୩୫ ଖ୍ରୀଷ୍ଟାବ୍ଦ ବହଓ୍ୱାଲା ଅଲ୍‌ଫଜଲ୍ ୨୧ ଡ଼ିସେମ୍ବର ୧୯୩୫)

ଚାନ୍ଦା ତହ୍‌ରିକ୍-ଏ-ଜଦିଦ୍ ପ୍ରଦାନ କରୁଥିବା ନିଷ୍ଠାପର ବ୍ୟକ୍ତିମାନଙ୍କ ଧନ ଓ ଜନରେ ଅଲ୍ଲାଃ ତାଲା ଅସାଧାରଣ ବର୍‌କତ୍ ପ୍ରଦାନ କରନ୍ତୁ । ଆମିନ୍ ॥

(ଓ୍ୱକିଲୁଲ୍ ମାଲ୍ ତହ୍‌ରିକ୍-ଏ-ଜଦିଦ୍ କାଦିୟାନ୍)

ପାଇଁ ଗୋଟିଏ ଜିନିଷ ରହିଛି ଯେ, ଆମେ ଏହା ଦେଖିବା କି ଆମମାନଙ୍କ ମଧ୍ୟରେ କ'ଣ ସମାନତା ରହିଛି, ଆମେ ଏହା ଦେଖିବା ନାହିଁ ଯେ, ଆମମାନଙ୍କ ମଧ୍ୟରେ କ'ଣ ସବୁ ପାର୍ଥକ୍ୟ ରହିଛି ? ପବିତ୍ର କୁର୍‌ଆନ୍ ଆମକୁ ଏହା ବତାଇଛି ଯେ, ଅହଲେ କିତାବ୍ (ଯେଉଁ ଧର୍ମ ଗୁଡ଼ିକୁ ଐଶିପୁସ୍ତକ ପ୍ରଦାନ କରାଯାଇଅଛି)ଙ୍କୁ ମଧ୍ୟ କହିଦିଅ, ଅନ୍ୟ ଧର୍ମର ଲୋକମାନଙ୍କୁ ମଧ୍ୟ କହିଦିଅ, ଇହୁଦୀ ଏବଂ ଇସାଇ ମାନଙ୍କୁ ମଧ୍ୟ କହିଦିଅ ଯେ, ଆସ ଆମେ ଗୋଟିଏ ସମାନ ଜିନିଷକୁ ଦେଖିବା ଯାହା ଆମ ସମସ୍ତଙ୍କ ମଧ୍ୟରେ ସମାନ ଭାବେ ରହିଛି । ଏହା ଦେଖିବା ନାହିଁ ଯେ, ଆମ ଶିକ୍ଷା ମଧ୍ୟରେ କ'ଣ ସବୁ ଅଂଶ ବା ଭାଗ ରହିଛି । ବରଂ ଆମକୁ ଏହା ଦେଖିବା ଉଚିତ ଯେ, ଆମ ମଧ୍ୟରେ କେଉଁ କଥାଟି ସାଧାରଣ ଅଛି ଏବଂ ସେହି ସାଧାରଣ ଜିନିଷଟି ହେଉଛି ଆମ ସମସ୍ତଙ୍କର ଜଣେ ଈଶ୍ୱର ଅଛନ୍ତି ଯେଉଁ ଈଶ୍ୱର ହେଉଛନ୍ତି ଏକ ଓ ଅଦ୍ୱିତୀୟ । ଆମେ ତାହାର ହିଁ ଉପାସନା କରିଥାଉ, ଆମେ ତାକୁ ହିଁ ମାନିଥାଉ ଏବଂ ସେ ହେଉଛି ଆମ ସମସ୍ତଙ୍କର ପାଳନକର୍ତା । ଅତଏବ ପ୍ରତ୍ୟେକ ଧର୍ମର ଏହି ଗୋଟିଏ ସମାନ କଥା ମିଳୁଅଛି । ଆମେ ଯେତେବେଳେ ଏହି କଥାକୁ ବୁଝିନେବା ଓ ଏକ ଈଶ୍ୱରଙ୍କ ଉପାସନା କରିବା ଓ ଈଶ୍ୱରଙ୍କର ଅଧିକାରକୁ ପ୍ରଦାନ କରିବା ଏବଂ ଏ କଥା ଭାବି ନେବା ଯେ, ସମସ୍ତ ପ୍ରାଣୀ ଜଗତ ହେଉଛନ୍ତି ଈଶ୍ୱରଙ୍କର ସୃଷ୍ଟି ଓ ଈଶ୍ୱରଙ୍କର ସୃଷ୍ଟଜ ତାହେଲେ ପୁଣି ଆମ ମଧ୍ୟରେ ଧର୍ମିୟ ମତଭେଦ ବା ସଂସ୍କୃତିର ମତଭେଦ ବା ଅନ୍ୟାନ୍ୟ ଶାଖାର ମତଭେଦ ଏବଂ ପ୍ରତ୍ୟେକ ପ୍ରକାରର ମତଭେଦ ଶେଷ ହୋଇଯିବ ।

ହଜୁର ଅନୱର ଅ:ବ:ଅ କହିଲେ: ମେୟର ସାହିବା ମଧ୍ୟ ସେହି ମାନବିକ ମୂଲ୍ୟବୋଧ ବିଷୟରେ କହିଛନ୍ତି ଯାହା ପ୍ରଥମେ ମୁଁ ବର୍ଣ୍ଣନା କରିସାରିଛି । ଏବେ ଏହା ଏହି ସହର ବା ତାଙ୍କ ସହରର କଥା ନୁହେଁ ବରଂ ଏହା ସମଗ୍ର ଦୁନିଆ ଗୋଟିଏ ଗ୍ଲୋବାଲ୍ ଭିଲେଜ୍ ହୋଇସାରିଛି । ଏ ଦୁନିଆରେ ଶାନ୍ତି ସ୍ଥାପନ କରିବା ପାଇଁ ହେଲେ ଏହା ଜରୁରୀ ଯେ, ଆମମାନଙ୍କ ମଧ୍ୟରେ ଯେଉଁଠି ସହିଷ୍ଣୁତାର ବୀଜ ସୃଷ୍ଟି ହେବ ସେଠାରେ ଅନ୍ୟ ଧର୍ମ ଗୁଡ଼ିକ ପ୍ରତି ସମ୍ମାନର ବୀଜ ମଧ୍ୟ ସୃଷ୍ଟି ହେବ । ଏହିଭଳି ଆମେ ବାସ୍ତବରେ ଜଣେ ଅନ୍ୟ ଜଣକ ସହିତ ଶାନ୍ତି, ପ୍ରେମ ଓ ସୌହାର୍ଦ୍ଦ୍ୟର ସହିତ ରହିପାରିବା ।

ହଜୁର ଅନୱର ଅ:ବ:ଅ କହିଲେ: ପ୍ରାଦେଶିକ ମେୟର ସାହେବ ମଧ୍ୟ ଧର୍ମିୟ ସ୍ୱାଧୀନତା ବିଷୟରେ କହିଛନ୍ତି । ଏହି ସମସ୍ତ କଥା ବହୁତ ଭଲ କଥା । ଆମେ ଏଠାକୁ ଆସିଲୁ ଆମେ ଏଠାରେ ଆସି ନିଜକୁ ମିଶାଇ ଦେଲୁ ଏହା ଏଥିପାଇଁ ନୁହେଁ କି, ଆମର କୌଣସି ଆବଶ୍ୟକ ଥିଲା । ଅଧିକାଂଶ ଅହେମଦିମାନେ ଯେଉଁମାନେ କିଛି ଦେଶରୁ ଏଠାକୁ ଆସିଛନ୍ତି ସେମାନଙ୍କ ଉପରେ ଅତ୍ୟାଚାର ହେଉଥିଲା ସେମାନଙ୍କୁ ଧର୍ମିୟ ସ୍ୱାଧିନତା ପ୍ରକାଶ କରିବାକୁ ଦିଆଯାଉନଥିଲା, ସେମାନଙ୍କର ବହୁତ ଗୁଡ଼ିଏ ଅଧିକାରକୁ ଛଡ଼ାଇ ନିଆଯାଉଥିଲା । ତେଣୁ ସେମାନେ ସେଥି ସକାଶେ ଏଠାକୁ ଆସିଲେ କିନ୍ତୁ ଏଠାରେ ଯଦି ଆମେ ଇଂଟିଗ୍ରେଟ ହେଉଅଛେ ତାହା କେବଳ ଏଥିପାଇଁ ନୁହେଁ ଯେ, ଏଠାକୁ ଆସି ଆମକୁ ସବୁକିଛି ସୁବିଧା ସୁଯୋଗ ମିଳିଗଲା ବୋଲି ଓ ଯଦି ଆମେ ଏକଥା ନ କହିବୁ ତା'ହେଲେ କାଳେ ଏହି ସୁବିଧା ସୁଯୋଗକୁ ଆମଠାରୁ ନେଇ ନିଆଯିବ । ଅବଶ୍ୟ ଏହା ମଧ୍ୟ ଜରୁରୀ ଅଟେ । ହଜ୍‌ରତ୍ ମୁହମ୍ମଦ ସ:ଆ:ସ କହିଛନ୍ତି ଯେ, ଯିଏ ଲୋକମାନଙ୍କର କୃତଜ୍ଞତା ଜ୍ଞାପନ କରୁନାହିଁ ସେ ବାସ୍ତବିକ ଈଶ୍ୱରଙ୍କର ମଧ୍ୟ କୃତଜ୍ଞତା ଜ୍ଞାପନ କରୁନାହିଁ । ତେଣୁ ଏହି ଦୃଷ୍ଟି କୋଣରୁ ଏହା ଆମର ଧର୍ମିୟ କର୍ତବ୍ୟ ଯେ, ଆମେ ଏଠିକାର ସରକାର ଓ ଏଠିକାର ଲୋକମାନଙ୍କୁ ଧନ୍ୟବାଦ ଅର୍ପଣ କରୁଅଛୁ ଓ ଏମାନଙ୍କର ଆମେ କୃତଜ୍ଞ ଯେଉଁମାନେ ଆମକୁ ଏଠାରେ ରହିବାକୁ ଅନୁମତି ଦେଲେ ଓ ନିଜ ମଧ୍ୟରେ ମିଶାଇବା ପାଇଁ ଅନୁମତି ଦେଲେ ଫଳତଃ ଆମକୁ ସେଥିଯୋଗୁଁ ଏଠାରେ ଧର୍ମିୟ ସ୍ୱାଧିନତା ମଧ୍ୟ ମିଳିଲା ଓ ଅନ୍ୟାନ୍ୟ ସ୍ୱାଧିନତା ମଧ୍ୟ ମିଳିଛି । କିନ୍ତୁ ତା' ସହିତ ଏହି ଦେଶର କାନୁନକୁ ମାନି ଚଳିବା ଓ ଏଠିକାର ଲୋକମାନଙ୍କୁ ସମ୍ମାନ ଜଣାଇବା ହେଉଛି ଆମ ଇମାନ୍ (ବିଶ୍ୱାସ)ର ଅଂଶ ବିଶେଷ ଓ ଏହା ଆମକୁ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ନିର୍ଦ୍ଦେଶ ଦେଇଛନ୍ତି ଯେ, ଦେଶ ପ୍ରେମ ହେଉଛି ତୁମ ବିଶ୍ୱାସର ଅଂଶବିଶେଷ । ତେଣୁ ଯେଉଁ ଦେଶ ଆମକୁ ଆପଣେଇଛି, ଯେଉଁ ଦେଶକୁ ଆମେ ଆସିଅଛୁ, ଯେଉଁ ଦେଶର ଆମେ ନାଗରୀକ ହୋଇଗଲୁ ସେହି ଦେଶରେ ଓ ଅନେକ ସ୍ଥଳେ ଆମର ଦ୍ୱିତୀୟ ଓ ତୃତୀୟ ପୀଢ଼ୀ ମଧ୍ୟ ସେଠାରେ ବସବାସ କଲେଣି ତେଣୁ ଏବେ ଏହି ଜର୍ମାନୀ ଦେଶ ସେମାନଙ୍କର ମଧ୍ୟ ଦେଶ ହୋଇଯାଇଛି । ତେଣୁ ଏହି ଦେଶ ସହିତ ଭକ୍ତି କରିବା, ଜର୍ମାନୀର କାନୁନ ମାନି ଚାଳିବା, ଜର୍ମାନୀର ପ୍ରତ୍ୟେକ ନାଗରିକଙ୍କ ସହିତ ସଦ୍‌ବ୍ୟବହାର କରିବା, ଭଦ୍ର ବ୍ୟବହାର କରିବା, ଧର୍ମିୟ ସହିଷ୍ଣୁତା ଦେଖାଇବା, ଧୈର୍ଯ୍ୟ ରଖିବା ଏହା ସବୁ ଏଥିପାଇଁ ଜରୁରୀ ଯେ, ଏ ଦେଶରେ ଶାନ୍ତି ପ୍ରତିଷ୍ଠା ହେଉ ଏବଂ ଦେଶରେ ଶାନ୍ତି ପ୍ରତିଷ୍ଠା କରିବା ଆମ ବିଶ୍ୱାସର ଅଂଶ ବିଶେଷ କାରଣ ଏହା ଦ୍ୱାରା ଦେଶର ଆର୍ଥିକ ଉନ୍ନତି ହୋଇଥାଏ ଓ ଏହା ଦ୍ୱାରା ଦେଶ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ Stable ହୋଇଥାଏ । ତେଣୁ ଆମ ଇମାନ୍ ଏହା ଚାହୁଁଅଛି ଯେ, ଏବେ ଆମେ ଏଠାରେ ରହି ଏ ଦେଶର ସେବା କରିବୁ, ଆମେ ଏହା ଦେଖିବୁନାହିଁ ଯେ, କିଏ କେଉଁ ଧର୍ମର ଲୋକ ବା ଏଠିକାର କାନୁନ୍ କ'ଣ । ଯାହା ବି ଏଠାରେ ନିୟମ କାନୁନ୍ ଅଛି ତାହାର ପାଳନ କରିବା ଆମ ପାଇଁ ଜରୁରୀ ଅଟେ ଏବଂ ପ୍ରତ୍ୟେକ ସଚ୍ଚା ମୁସଲମାନ ପାଇଁ ଦେଶ ସେବା କରିବା ନିତ୍ୟାନ୍ତ ଆବଶ୍ୟକ ।

ହଜୁର ଅନୱର ଅ:ବ:ଅ କହିଲେ: ଧର୍ମିୟ ସ୍ୱାଧିନତାର କଥା ଏଠାରେ କୁହାଗଲା ମୁଁ ପୂର୍ନବାର ଏଠାରେ ଏହା କହିବି ଯେ, ଆମେ ଧର୍ମିୟ ସ୍ୱାଧିନତାକୁ କାଏମ୍ ରଖିବୁ ଯଦ୍ୱାରା ଶାନ୍ତି ପ୍ରତିଷ୍ଠା ହୋଇପାରିବ । ଯଦି ଆମେ ଜଣେ ଅନ୍ୟ ଜଣକର ଧର୍ମ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିବା ତେବେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ନାହିଁ ବରଂ ଅସ୍ଥିରତା ସୃଷ୍ଟି ହେବ । ତେଣୁ ଆମେ ସର୍ବଦା ଏହି ଶାନ୍ତି ପ୍ରତିଷ୍ଠାର କାର୍ଯ୍ୟ କରିବା ପାଇଁ ଚେଷ୍ଟା ଜାରି ରଖିବା । ପ୍ରତ୍ୟେକ ବ୍ୟକ୍ତି ସେ ଇସାଇ ହୁଅନ୍ତୁ, ଇହୁଦୀ ହୁଅନ୍ତୁ, ମୁସଲମାନ ହୁଅନ୍ତୁ, ହିନ୍ଦୁ ହୁଅନ୍ତୁ, ଶିଖ୍ ହୁଅନ୍ତୁ ବା ଅନ୍ୟ କୌଣସି ଧର୍ମର ହୁଅନ୍ତୁ ସମସ୍ତେ ଜଣେ ଅନ୍ୟ ଜଣକ ଧର୍ମକୁ ସମ୍ମାନ କରିବେ ଏବଂ ତାକୁ ଏ ଅଧିକାର ମିଳୁ ଯେ, ସେ ଯେ କୌଣସି ଧର୍ମକୁ ଆପଣାଉ ଓ ତାହାର ପରିପ୍ରକାଶ ମଧ୍ୟ କରୁ ଓ ସେହି ଧର୍ମ ଅନୁସାରେ ପରିଚାଳିତ ମଧ୍ୟ ହେଉ ।

ହଜୁର ଅନୱର ଅ:ବ:ଅ କହିଲେ: ପବିତ୍ର କୁର୍‌ଆନ୍ ଏହା କହିଛି ଯେ, ଧର୍ମ ମାମଲା ହେଉଛି ହୃଦୟ ସହିତ ଜଡ଼ିତ ତେଣୁ ତା' ଉପରେ କୌଣସି ବାଧ୍ୟବାଧକତା ନାହିଁ । ଯଦି କୌଣସି ଜୋର୍ ଜବରଦସ୍ତି ନାହିଁ ଏବଂ ତାହା ମନର କଥା ତେବେ ପୁଣି ପ୍ରତ୍ୟେକଙ୍କୁ ଏ ଅଧିକାର ରହିଛି ଯେ, ଯଦି ସେ ଇହୁଦୀ ହେବାକୁ ଭଲ ପାଉଛି ତା'ହେଲେ ସେ ଇହୁଦୀ ହେଉ ଏବଂ ଯଦି କିଏ ଖ୍ରୀଷ୍ଟିୟାନ୍ ହେବାକୁ ଚାହୁଁଛି ତା'ହେଲେ ସେ ଖ୍ରୀଷ୍ଟିୟାନ୍ ହୋଇପାରେ ବା ଯଦି କିଏ ମୁସଲମାନ ହେବାକୁ ପସନ୍ଦ କରୁଛି ତା'ହେଲେ ସେ ମୁସଲମାନ ହୋଇପାରେ । ଜଣେ ଅନ୍ୟ ଜଣକୁ ଘୃଣା ନ କରୁ ବା ଅନ୍ୟ କୌଣସି ପ୍ରକାରର ପ୍ରତିବନ୍ଧକ ସୃଷ୍ଟି ନ କରାଯାଉ । ଏହି ବିଶେଷଗୁଣ ଏ ପର୍ଯ୍ୟନ୍ତ ଜର୍ମାନୀରେ

ଅବଶିଷ୍ଟାଂଶ ପୃଷ୍ଠା-୦୨ ରେ ଦେଖନ୍ତୁ...

କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)

ତାଲିବେ ଦୁଆ: Muhmmad Naimul Haque & Family, Jamat Ahmadiyya, Pankal (Odisha)

ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)

ତାଲିବେ ଦୁଆ: Hawa Bibi & Family, Jamat Ahmadiyya, Kerang (Odisha)

ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah, Jamat Ahmadiyya, Kerang (Odisha)

କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)

ତାଲିବେ ଦୁଆ: Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)

ହଜୁର ଅନୱର ଅ:ବ:ଅ www.ahmadipedia.orgର ଶୁଭାରମ୍ଭ କଲେ । ସେଥିରେ ଜମାତ୍‌ର ପୁସ୍ତକ, ବ୍ୟକ୍ତିତ୍ୱ, ଘଟଣାବଳୀ ଏବଂ ବିଶ୍ୱାସ ଓ ପ୍ରଥା ଇତ୍ୟାଦି ମୌଳିକ ସୂଚନାମାନ ପ୍ରଦାନ କରାଯାଇଅଛି । କୌଣସି ବିଷୟବସ୍ତୁ ଉପରେ ଆପଣମାନେ ମଧ୍ୟ ନିଜର ସୂଚନା, ପ୍ରମାଣ ଏବଂ ଡ଼କ୍ୟୁମେଂଟ ସେଥିରେ ଉପଲବ୍ଧ କରାଇପାରିବେ ।

ଅଲ୍‌ହମ୍‌ଦୋ ଲିଲ୍ଲାଃ ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଜୁଲାଇ ମାସ ୨ ତାରିଖ ୨୦୨୧ ମସିହା ପବିତ୍ର ଯୁମା ଦିନ ନମାଜ ଯୁମା ପରେ ଜମାତ୍ ଅହେମଦୀୟାର ଗୋଟିଏ ନୂଆ ୱେବ୍‌ସାଇଟ୍ www.ahmadipedia.org ର ଶୁଭାରମ୍ଭ କଲେ । ତାହାର ସବିଶେଷ ବିବରଣୀ ପ୍ରଦାନ କରି ହଜୁର ଅନୱର ଅ:ବ:ଅ ନିଜର ଖୁତ୍‌ବା ଯୁମାରେ କହିଲେ:

''ଗୋଟିଏ ଘୋଷଣା କରିବାକୁ ଚାହୁଁଛି । ତାହା ହେଉଛି ଏହା କି ଗୋଟିଏ ଅହେମଦୀୟା ଏନ୍‌ସାଇକ୍ଲୋପିଡ଼ିଆ ତିଆରି କରାଯାଇଅଛି, ତାହା ଆଜି ଲଂଚ କରାଯିବ । କେନ୍ଦ୍ରୀୟ ଅଭିଲେଖାଗାର ବିଭାଗ ଓ ଅନୁସନ୍ଧାନ ବିଭାଗ ଏହାକୁ ତିଆରି କରିଛି । ଏହି ୱେବ୍‌ସାଇଟ୍‌କୁ ଜମାତ୍‌ର ସଦସ୍ୟମାନଙ୍କ ପାଇଁ ଅନ୍‌ଲାଇନ୍ ଉପଲବ୍ଧ କରାଯାଉଅଛି । ସେଥିରେ ପ୍ରବେଶ www.ahmadipedia.org ମାଧ୍ୟରେ କରାଯାଇପାରିବ ଯେଉଁଠି ଗୋଟିଏ ସର୍ଚ୍ଚ ଇଞ୍ଜିନ୍ ଶୈଳୀରେ Homepageରେ ବିଷୟବସ୍ତୁଗୁଡ଼ିକୁ ଖୋଜିବା ପାଇଁ ଖୋଲିଯିବ । ଏହାକୁ ବହୁତ ସରଳ ଏବଂ ବ୍ୟବହାର କରିବା ପାଇଁ ସହଜ କରାଯାଇଅଛି । ପ୍ରତ୍ୟେକ ଇଂଟରଭ୍ୟୁ ସହିତ ସମ୍ବନ୍ଧିତ ୱେବସାଇଟ୍, ଭିଡ଼ିଓ ଏବଂ ଜମାତର ଖବରକାଗଜଗୁଡ଼ିକରେ ପ୍ରକାଶ ପାଇଥିବା ବିଷୟବସ୍ତୁଗୁଡ଼ିକର ଲିଙ୍କ୍ ଉପଲବ୍ଧ କରାଯାଇଅଛି ଯଦ୍ୱାରା ସେହି ଉତ୍ସଗୁଡ଼ିକରୁ ବିସ୍ତୃତ ସୂଚନା ପ୍ରାପ୍ତ କରାଯାଇପାରିବ । ସବିଶେଷ ବିବରଣୀ ପାଇଁ ଦିଆଯାଇଥିବା ସେହି ଲିଙ୍କ୍‌ଗୁଡ଼ିକରୁ ଏ ଲାଭ ମଧ୍ୟ ମିଳିବ ଯେ ଜମାତ୍ ଅହେମଦୀୟାର ଅନ୍ୟ ୱେବସାଇଟଗୁଡ଼ିକ ପର୍ଯ୍ୟନ୍ତ ଉପଭୋକ୍ତାମାନେ ପ୍ରବେଶ କରିପାରିବେ ଫଳତ ସେମାନେ ସମସ୍ତ ଖବରକାଗଜ ଓ ପତ୍ରିକାଗୁଡ଼ିକରୁ ଲାଭ ଉଠାଇ ପାରିବେ । ସାରା ଦୁନିଆରେ ବ୍ୟାପି ଯାଇଥିବା ଜମାତ୍‌ର ଲୋକମାନଙ୍କ ନିକଟରେ ବହୁତ ଉପଯୋଗୀ ସୂଚନାମାନ ରହିଛି ଯାହା କୌଣସି ସ୍ଥାନରେ ରେକର୍ଡ଼ ହୋଇନାହିଁ । ଅହେମଦୀପିଡ଼ିଆର ୱେବ୍‌ସାଇଟ୍‌ରେ Contribute ନାମରେ ଗୋଟିଏ ଅପ୍‌ସନ୍ ମଧ୍ୟ ଦିଆଯାଇଅଛି ଯେଉଁଠି ସେମାନେ କୌଣସି ବିଷୟ ଉପରେ ନିଜର ସୂଚନା, ପ୍ରମାଣ କିମ୍ବା ଦଲିଲ୍ ଯୋଗାଇ ପାରିବେ । ଏପରି ନୁହେଁ କି ନିଜେ ତାହାକୁ ସିଧାସଳଖ ରଖିଦେବେ ବରଂ ସେଗୁଡ଼ିକୁ ସେ ଇନ୍‌ତେ ଜାମିଆ ଅର୍ଥାତ ପରିଚାଳକ ଓ ବ୍ୟବସ୍ଥାପକଙ୍କୁ ଯୋଗାଇ ଦେବେ । ଯୋଗାଇ ଦିଆଯାଇଥିବା ବିଷୟବସ୍ତୁ ଗୁଡ଼ିକର ଅନୁସନ୍ଧାନ ଓ ଯାଂଚ ପରେ ତାହାକୁ ସମ୍ବନ୍ଧିତ ବିଷୟବସ୍ତୁଗୁଡ଼ିକର ଏଂଟ୍ରିରେ ଅନ୍ତର୍ଭୁକ୍ତ କରିଦିଆଯିବ । ଏହିପରି ଏହି ୱେବସାଇଟ୍ ସମସ୍ତ ଜମାତ୍‌ର ସହଯୋଗରେ ଜାରି ରହିଥିବା ଏକ ପ୍ରକଳ୍ପ ହେବ ଏବଂ ଇନ୍‌ଶାଅଲ୍ଲାଃ ପ୍ରତ୍ୟେକ ଅହେମଦୀଙ୍କ ପାଇଁ ଲାଭଦାୟକ ହେବ । ଯଦି କାହାକୁ ଏହି ୱେବ୍‌ସାଇଟ୍‌ରେ ଚାହୁଁଥିବା ବିଷୟବସ୍ତୁ ନ ମିଳେ ତା'ହେଲେ ସେ ଅହେମଦୀପିଡ଼ିଆ ସହିତ ଯୋଗାଯୋଗ କରିପାରିବେ । ପୁଣି ଏମାନେ ୱେବ୍‌ସାଇଟ୍‌ରେ ଆବଶ୍ୟକ ବିଷୟବସ୍ତୁକୁ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିବେ । ଯଦିଓ ଏହି ସମସ୍ତ ସୂଚନା ବିଶ୍ୱସନୀୟ ମାଧ୍ୟମ ଦ୍ୱାରା ଯୋଗାଇ ଦିଆଯାଇଅଛି । ଏହା ସତ୍ତ୍ୱେ ମଧ୍ୟ ଯଦି କୌଣସି ଉପଭୋକ୍ତାଙ୍କ ନିକଟରେ ଏପରି ତଥ୍ୟ ଥିବ ଯାହା କୌଣସି ସୂଚନାର ବିପରୀତ ଥିବ ତା'ହେଲେ ସେ ଆମକୁ ଏପରି ତଥ୍ୟ ଯୋଗାଇ ଦିଅନ୍ତୁ ଯଦ୍ୱାରା ଯାଂଚ ପଡ଼ତାଳ କରିବା ପରେ ଜମାତ୍‌ର ଇତିହାସକୁ ପ୍ରାମାଣିକ ଭାବରେ ସୁରକ୍ଷିତ କରି ରଖିବା ପାଇଁ ବ୍ୟବସ୍ଥା କରାଯାଇପାରିବ । ଏହି ୱେବ୍‌ସାଇଟକୁ ପ୍ରସ୍ତୁତ କରିବା ପାଇଁ କେନ୍ଦ୍ରୀୟ ଆଇ.ଟି ବିଭାଗ ସମସ୍ତ ଯାନ୍ତ୍ରିକ ପଦକ୍ଷେପ ବହୁତ ସୁନ୍ଦର ଓ ଉତମ ଭାବରେ ସମ୍ପାଦନ କରିଛନ୍ତି ଏବଂ ଆଇ.ଟି ବିଭାଗ ଏଥି ସକାଶେ ବହୁତ ପରିଶ୍ରମ କରିଛି । ସେଥିରେ ତାଙ୍କର ସ୍ଥାୟୀ କର୍ମୀମାନଙ୍କ ବ୍ୟତୀତ ସ୍ୱେଚ୍ଛାସେବୀମାନେ ମଧ୍ୟ ସାମିଲ ହୋଇଛନ୍ତି । ବିଷୟବସ୍ତୁଗୁଡ଼ିକର ପ୍ରସ୍ତୁତି ନିମନ୍ତେ କେନ୍ଦ୍ରୀୟ ଅଭିଲେଖାଗାର ବିଭାଗର ମୂରବୀମାନେ ବହୁତ ପରିଶ୍ରମ କରିଛନ୍ତି । ଏହି ୱେବ୍‌ସାଇଟର ପ୍ରସ୍ତୁତି ନିମନ୍ତେ ଯେଉଁମାନେ କାମ କରିଛନ୍ତି ଅଲ୍ଲାଃ ତାଲା ସେ ସମସ୍ତଙ୍କୁ ଏହାର ପୂଣ୍ୟ ଫଳ ପ୍ରଦାନ କରନ୍ତୁ । ଯୁମା ନମାଜ ପରେ ଆଜି ଇନ୍‌ଶାଅଲ୍ଲାଃ ମୁଁ ତାହାର ଲଂଚ କରିବି ।''

ଯୁମା ନମାଜ ପରେ ହଜୁର ଅନୱର ଅ:ବ:ଅ ତାହାକୁ ଲଂଚ କଲେ ଏବଂ ଦୁଆ (ନୀରବ ପ୍ରାର୍ଥନା) କରାଇଲେ । ଅହେମଦୀମାନେ ଏମ୍.ଟି.ଏର ସିଧାପ୍ରସାରଣ ଜରିଆରେ ନୀରବ ପ୍ରାର୍ଥନାରେ ସାମିଲ ହେଲେ । ପ୍ରାର୍ଥନା କରୁଅଛୁ ଯେ ଅଲ୍ଲାଃ ତାଲା ଏହି ନୂଆ ୱେବ୍‌ସାଇଟ୍‌ର ଶୁଭାରମ୍ଭକୁ ଜମାତ୍ ନିମନ୍ତେ ପ୍ରତିକ୍ଷେତ୍ରରୁ ବାବର୍‌କତ୍ (ମଙ୍ଗଳମୟ) କରନ୍ତୁ । ଆମିନ୍ (କାର୍ଯ୍ୟାଳୟ)

ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦୀୟା ବ୍ରିଟେନ୍ ଆନୁକୂଲ୍ୟରେ ଏକ ଦିନିଆ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ଏବଂ ହଜୁର ଅନୱର ଅ:ବ:ଅଙ୍କ ପ୍ରତ୍ୟକ୍ଷ ଉପସ୍ଥିତି

୦୪ ଜୁଲାଇ ୨୦୨୧ ଦିନ ୱିୱର୍ ଲି ଇବେ ସ୍କୁଲ୍ ଟିଲ୍‌ଫୋର୍ଡ଼ଠାରେ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦୀୟା ବ୍ରିଟେନ୍ ତରଫରୁ ଏକ ଦିନିକିଆ ଖେଳ ପ୍ରତିଯୋଗିତା ଅନୁଷ୍ଠିତ କରାଗଲା । ଏହି ଖେଳକୁ କୋରୋନା ଏସ୍ ଓ ପିଜ୍ ର ଧ୍ୟାନ ରଖାଯାଇ ଅନୁଷ୍ଠିତ କରାଗଲା । ସେଥିରେ ସାମିଲ୍ ହେବି ପାଇଁ ଭାକ୍ସିନେଶନ୍‌ର ଦୁଇଟିଯାକ ଟିକା ଲଗାଇବା, କୋରୋନା ପରୀକ୍ଷା ନେଗେଟିଭ୍ ଥିବା, ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତା ବଜାୟ ରଖିବା ଜରୁରୀ ସର୍ତ୍ତାବଳୀ ଥିଲା । ଏହି ଖେଳ ଅନୁଷ୍ଠିତ କରିବାର ଉଦ୍ଦେଶ୍ୟ Mercy & Mankind ନାମରେ ମାନବସେବା ପାଇଁ ଚାନ୍ଦା ଏକାଠି କରିବାର ଥିଲା ।

ମୋକରମ୍ ସଦର୍ ସାହେବ୍ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦୀୟା ବ୍ରିଟେନ୍‌ଙ୍କ ଅନୁରୋଧକୁ ଦୟା ପରବଶ ଗ୍ରହଣ କରି ହଜୁର ଅ:ବ:ଅ ଖେଳାଳିମାନଙ୍କୁ ଉତ୍ସାହିତ କରିବା ପାଇଁ ସେଠାରେ ପହଂଚିଲେ । ଖୁଦ୍ଦାମ ପିଲାମାନଙ୍କ ମଧ୍ୟରେ ହୋଇଥିବା ଦୌଡ଼ିଟଣା ପ୍ରତିଯୋଗିତାର ଫାଇନାଲ ଓ ପୁଣି ସ୍ଲୋ ସାଇକେଲିଙ୍ଗ ପ୍ରତିଯୋଗିତାକୁ ହଜୁର ଅନୱର ଦେଖିଲେ । ମସ୍‌ରୁର୍ ରିଜିଅନ୍ ସହିତ ସମ୍ବନ୍ଧ ରଖିଥିବା ଖାଦିମ୍ ଜାଯିବ୍ ଚିମା ସାହେବଙ୍କୁ ସ୍ଲୋ ସାଇକେଲ୍ ପ୍ରତିଯୋଗିତାରେ ଜିତିବା ଯୋଗୁଁ ହଜୁର ଅନୱର ଅ:ବ:ଅ ଉତ୍ସାହିତ କଲେ ଏବଂ ତାଙ୍କ ନାମ ପଚାରି ବୁଝିଲେ ।

ତା'ପରେ ରିଜିଓନଲ୍ କାଏଦ୍ ଏବଂ ନ୍ୟାଶ୍‌ନାଲ୍ ଅମେଲାର ସଦସ୍ୟମାନଙ୍କ ମଧ୍ୟରେ ଦୌଡ଼ିଟଣାର ପ୍ରଦର୍ଶନୀ ପ୍ରତିଯୋଗିତା ହେଲା । ହଜୁର ଅନୱର ଅ:ବ:ଅ ଦୟାପୂର୍ବକ ପ୍ରତିଯୋଗିତା ଚାଲିଥିବା ସମୟରେ କହିଲେ ଯେ ରିଜିଓନାଲ୍ କାଏଦିନ୍ ଯଦି ଟିକିଏ ବସି ରହିବେ ତା'ହେଲେ ଜିତିଯିବେ । ଅତଏବ ସେହିପରି ହେଲା ଏବଂ ରିଜିଓନଲ୍ କାଏଦିନ୍ ଟିମ୍ ଏହି ପ୍ରତିଯୋଗିତାକୁ ବାଜି ମାରିନେଲା ।

ପ୍ରାୟ ସାତଟା ବେଳେ ହଜୁର ଅନୱର ଅ:ବ:ଅ ଦୁଆ କରାଇଲେ ପୁଣି ଇସ୍‌ଲାମାବାଦ୍ ଲେଉଟି ଆସିଲେ । ମାର୍ଚ୍ଚ ୨୦୨୦ ଠାରୁ କୋରନା ଲକ୍‌ଡ଼ାଉନ୍ ଲଗାଯିବା ପରଠରୁ ଅମୀରୁଲ୍ ମୁମିନିନ୍ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଏପରି କୌଣସି ସର୍ବସାଧାରଣ କାର୍ଯ୍ୟକ୍ରମରେ ପ୍ରଥମ ଥର ପାଇଁ ଯୋଗ ଦେଇଥିଲେ ।

ନୋମାନ୍ ଅହ୍‌ମଦ୍ ମଜ୍‌ଲିସଦ୍ ମଚମପାର୍କ, ଶରିଫ୍ ରିଜିଅନ୍ ନିଜର ମନୋଭାବକୁ ପରିପ୍ରକାଶ କରି କହିଲେ ଯେ ଅଲ୍‌ହମ୍‌ଦୋଲିଲ୍ଲାଃ ବହୁ ଦିନ ପରେ ଆମ ପ୍ରୀୟ ହଜୁର ଆମ ଗହଣରେ ବିରାଜମାନ ହେଲେ । ହଜୁର ଅନୱର ଅ:ବ:ଅ ଯେତେବେଳେ ପଦାର୍ପଣ କଲେ ସେତେବେଳେ ଏପରି ଅନୁଭବ ହେଉଥିଲା ଯେ ଫରିସ୍ତାମାନଙ୍କର ଏକ ଦଳ ଆମ କାର୍ଯ୍ୟକ୍ରମରେ ସାମିଲ ହୋଇଯାଇଛି । ମୁଁ ନିଜକୁ ଯେତେବେଳେ ଦେଖୁଛି ମୁଁ ଏ ଯୋଗ୍ୟ ବୋଲି ମନେ କରୁନାହିଁ । କିନ୍ତୁ ଆମ ପ୍ରୀୟ ହଜୁର, ସାରା ଦୁନିଆର ଇମାମ୍ ଏବଂ ଯୁଗ ଖଲିଫା ଆମ ଗହଣରେ ବିରାଜମାନ ଥିଲେ । ଏକଥାକୁ ଚିନ୍ତା କରି ମୁଁ ଖୁବ୍ ଇସ୍‌ତେଗ୍‌ଫାର୍ କରୁଥିଲି । ମୋ ମନୋଭାବକୁ ବ୍ୟକ୍ତ କରିବା ପାଇଁ ମୋ ନିକଟରେ ଶବ୍ଦ ନାହିଁ ।

ଅଲ୍ଲାଃ ତାଲା ପ୍ରୀୟ ଆକାଙ୍କର ପ୍ରତି କ୍ଷଣ ସମର୍ଥକ ଓ ସାହାଯ୍ୟକାରୀ ହୁଅନ୍ତୁ ଏବଂ ରୁହୁଲ୍ କୁଦ୍ଦୁସ୍‌ଙ୍କ ଜରିଆରେ ପ୍ରତ୍ୟେକ ମୁହୂର୍ତ୍ତ ସାହାଯ୍ୟ ଓ ସମର୍ଥନ କରିଚାଲନ୍ତୁ । ଆମିନ୍ । ***(ୱେବ୍‌ସାଇଟ ଅଲ୍‌ଫଜଲ୍ ଇଂଟର ନ୍ୟାସନାଲ ଲଣ୍ଡନକୁ ଧନ୍ୟବାଦ)***

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly BADAR Qadian
ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.6 Thursday 22 July 2021 Issue No. 29

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ANNUAL SUBSCRIPTION:Rs.575/- (Per Issue:Rs.10/-) (WEIGHT - 20-50gms/issue)

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

୨୬ ଅକ୍ଟୋବର ୨୦୧୯ (ଶନିବାର)

ରିପୋର୍ଟର ବଳକାଅଂଶ

ମସ୍‌ଜିଦ୍ ବଇତୁଲ୍ ବସିର୍‌ର ଉଦ୍‌ଘାଟନୀ ଉତ୍ସବରେ ହଜୁର ଅନୱର ଅ:ବ:ଅଙ୍କ ଉଦ୍‌ବୋଧନର ବଳକାଅଂଶ

ହଜୁର ଅନୱର ଅ:ବ:ଅ କହିଲେ, କିଛି ମୁସଲମାନମାନଙ୍କର ଆଚରଣ ମଧ୍ୟ ଏପରି ହୋଇଥାଏ କିନ୍ତୁ ଏବେ ଯେମିତିକି କେତେକ ବକ୍ତା ଏଠାରେ ଏ କଥା ଚର୍ଚ୍ଚା କରିଛନ୍ତି ଯେ, କିଛି ସ୍ଥାନରେ ଅଣମୁସଲମାନମାନେ ମଧ୍ୟ ଆକ୍ରମଣ କରୁଛନ୍ତି । ସେ ଯାହା ହେଉ ନା କାହିଁକି ଏହା ମୁସଲମାନମାନଙ୍କ ଶିକ୍ଷା ନୁହେଁ ଯେ, ସେମାନେ ସନ୍ତ୍ରାସବାଦ କାର୍ଯ୍ୟକଳାପ କରିବେ । ବରଂ ଏହା ସେମାନଙ୍କର ନିଜସ୍ୱ ମାମଲା । ଓ ଏହା ଇସ୍‌ଲାମ୍ ଶିକ୍ଷାର ବିପରୀତ । ସେ ଯାହା ହେଉ ଏହି ସଂକ୍ଷିପ୍ତ ସମୟ ମଧ୍ୟରେ ମୁଁ ଏହା ବତାଇ ଦେବାକୁ ଚାହୁଁଛି ଯେ, ଯଦି ଏଭଳି କାଣ୍ଡ ମୁସଲମାନମାନଙ୍କ ତରଫରୁ ସେମାନଙ୍କର ଚରମପନ୍ଥୀ କାର୍ଯ୍ୟକଳାପ ପ୍ରଦର୍ଶନ କରାଯାଉଅଛି ତାହେଲେ ସେ ସବୁ ହେଉଛି ତାଙ୍କର ନିଜସ୍ୱ କର୍ମ ନା ଇସ୍‌ଲାମ୍‌ର ଇତିହାସ ଆମକୁ ଏକଥା ଉଚିତ ବୋଲି ବତାଇଥାଏ ନା ଇସ୍‌ଲାମ୍‌ର ଶିକ୍ଷା ଆମକୁ ଏହି ଶିକ୍ଷା ଦେଇଥାଏ ଯେ ଏଭଳି କାର୍ଯ୍ୟ ଉଚିତ ବୋଲି । ନୁହେଁ । ଏହା କେବଳ ସେମାନଙ୍କର ନିଜସ୍ୱ କାର୍ଯ୍ୟ ।

ହଜୁର ଅନୱର ଅ:ବ:ଅ କହିଲେ, ଏଠାରେ ଯେଉଁ ବକ୍ତାମାନେ ଭାଷଣ ଦେଇସାରିଛନ୍ତି ସେମାନଙ୍କ ମଧ୍ୟରେ ଜଣେ ଆର୍ମି ଅଫିସର ଥିଲେ । ସେ ବହୁତ ଭଲ କଥା କହିଛନ୍ତି ଯେ, ତାଙ୍କ ମନ ଭିତରେ ଓ ତାଙ୍କ କୁଟୁମ୍ବଙ୍କର ମନ ଭିତରେ ଏକପ୍ରକାରର ଭୟ ଥିଲା ଯାହା ୩୦ ବର୍ଷ ପୂର୍ବେ ସେମାନଙ୍କ ମନରେ ସୃଷ୍ଟି ହୋଇଥିଲା । କିନ୍ତୁ ଯେତେବେଳେ ଅହେମଦୀ ଏଠାକୁ ଆସିଲେ ଓ ଯେତେବେଳେ Love for all Harted for None ର ବ୍ୟାନର ଅହେମଦୀମାନେ ଏଠାରେ ଲଗାଇଲେ ସେମାନେ ଏକଥା ଭାବିଲେ ଯେ, ଏହା ବୋଧ ହୁଏ ଲୋକ ଦେଖାଣିଆ ବ୍ୟାନର ଅଟେ । ୩୦ ବର୍ଷ ପୂର୍ବେ ସେ ଯୁଗରେ ଏଭଳି ପରିସ୍ଥିତି ନଥିଲା ଯାହା ଆଜିକାଲି ଅଛି । କିନ୍ତୁ ପୁଣି ମଧ୍ୟ ମୁସଲମାନମାନଙ୍କ ପ୍ରତି ଏକ ଭୟ ଥିଲା । ସେ ସେହି ଭୟକୁ ପ୍ରକାଶ ତ' କରିପାରିନଥିଲେ କିନ୍ତୁ ତାଙ୍କ ମନ ଭିତରେ ଏକଥା ସଂଚାରିତ ହେଉଥିଲା । କିନ୍ତୁ ଅହେମଦୀମାନଙ୍କ ସହିତ ରହି ଏହି ୩୦ ବର୍ଷ ସମୟ ମଧ୍ୟରେ ସେମାନଙ୍କର ଭୟ ଦୂର ହୋଇଗଲା । କାରଣ ଅହେମଦୀମାନେ ଏଠାକୁ ଆସି ପ୍ରକୃତ ଇସ୍‌ଲାମୀୟ ଶିକ୍ଷାକୁ ପ୍ରସାର କରିବାପାଇଁ ଚେଷ୍ଟା କଲେ ।

ହଜୁର ଅନୱର ଅ:ବ:ଅ କହିଲେ, ଇସ୍‌ଲାମ୍ ପଡ଼ୋଶୀମାନଙ୍କ ଅଧିକାର ପ୍ରତି ବହୁତ ଧ୍ୟାନ ଦେଇଥାଏ ତେଣୁ ଅହେମଦୀମାନେ ଏକଥାର ପରିପ୍ରକାଶ କଲେ ଯେ, ପଡ଼ୋଶୀମାନଙ୍କର ଅଧିକାରକୁ କିପରି ଦିଆଯାଇପାରିବ । ତେଣୁ ଏକଥା ତାଙ୍କ ମନରେ ଥିବା ଶଙ୍କା ଓ ସନ୍ଦେହକୁ ମଧ୍ୟ ଦୂର କରିଦେଲା । ପଡ଼ୋଶୀମାନଙ୍କ ଅଧିକାରର କଥା ଯଦି ଉଠିଲାଣି ତାହେଲେ ମୁଁ ଏଠାରେ ସ୍ପଷ୍ଟ କରିଦେବାକୁ ଚାହୁଁଛି ଯେ, ପବିତ୍ର କୁର୍‌ଆନ୍‌ରେ ବହୁତ ସ୍ପଷ୍ଟ ଭାବରେ ପଡ଼ୋଶୀମାନଙ୍କର ସଂଜ୍ଞା ନିରୁପଣ କରାଯାଇଛି ଯେ, ଯେଉଁ ଲୋକମାନେ ତୁମ ଘର ସହିତ ମିଶି ରହୁଛନ୍ତି ସେମାନେ ତୁମର ପଡ଼ୋଶୀ, ଯେଉଁ ଲୋକମାନେ ତୁମ ସହିତ ମିଶି କାମ କରୁଛନ୍ତି ସେମାନେ ମଧ୍ୟ ତୁମର ପଡ଼ୋଶୀ, ଯେଉଁ ଲୋକମାନେ ତୁମ ସହିତ ଯାତ୍ରା କରୁଛନ୍ତି ସେମାନେ ମଧ୍ୟ ତୁମର ପଡ଼ୋଶୀ ଏବଂ ଏହିଭଳି ଗୋଟିଏ ଲମ୍ବା ସୂଚି ରହିଛି ଏବଂ ପୁଣି କହିଛନ୍ତି ଯେ, ତୁମ ପାଇଁ ପଡ଼ୋଶୀମାନଙ୍କ ପ୍ରତି ସମ୍ମାନ କରିବା ଜରୁରୀ ଅଟେ । ପୁଣି ଇସ୍‌ଲାମ୍‌ର ସଂସ୍ଥାପକ ହଜ୍‌ରତ୍ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ କହିଛନ୍ତି ଯେ, ଅଲ୍ଲାଃ ତାଲା ପଡ଼ୋଶୀମାନଙ୍କର ଅଧିକାର ପ୍ରଦାନ କରିବା ପ୍ରତି ମତେ ଏତେମାତ୍ରାରେ ଉପଦେଶ ଦେଇଛନ୍ତି ଯେ, ମତେ ଅନୁଭବ ହେଲା କି, ବୋଧ ହୁଏ ପଡ଼ୋଶୀମାନଙ୍କୁ ମଧ୍ୟ ଉତରାଧିକାରୀ ରୂପେ ସାମିଲ କରିନିଆଯିବ ଓ ବୋଧ ହୁଏ ତାଙ୍କୁ ସମ୍ପତିରୁ ଭାଗ ମଧ୍ୟ ମିଳିଯିବ । ସୁତରାଂ ଏତେମାତ୍ରାରେ ଇସ୍‌ଲାମୀୟ ଶିକ୍ଷା ପଡ଼ୋଶୀମାନଙ୍କୁ ଗୁରୁତ୍ୱ ଦେଉଅଛି ଏବଂ ରସୁଲୁଲ୍ଲାଃ ସ:ଆ:ସଙ୍କ କାର୍ଯପନ୍ଥା ଓ ପ୍ରତ୍ୟେକ ସଚ୍ଚା ମୁସଲମାନର କର୍ମ ଏକଥାର ମୂକସାକ୍ଷୀ ଯେ, ସେମାନେ ପଡ଼ୋଶୀମାନଙ୍କୁ ସମ୍ମାନ କରୁଛନ୍ତି ।

ହଜୁର ଅନୱର ଅ:ବ:ଅ କହିଲେ ପୁଣି Values ର କଥା ହେଲେ । ବିଭିନ୍ନ ପ୍ରକାରର ଲୋକ ଅଛନ୍ତି, ବିଭିନ୍ନ ସଂସ୍କୃତି ରହିଛି ତେଣୁ ସେମାନଙ୍କର ନିଜ ନିଜର Values ରହିଛି । Values ତ ସମସ୍ତଙ୍କର ଥାଏ ଏହା ବହୁତ ଭଲ ବି ହୋଇଥାଏ ଓ ଭଲ ରହିବା ମଧ୍ୟ ଉଚିତ । ଅସଲ ଜିନିଷ ହେଉଛି ନୈତିକ ଭେଲ୍ୟୁ ଏବଂ ଉତମ ଚରିତ୍ର ଯାହା ପ୍ରତ୍ୟେକଙ୍କ ମଧ୍ୟରେ ରହିବା ଉଚିତ । ସେଥିପାଇଁ ଯଦି ଆପଣ ଉତମ ଚରିତ୍ରକୁ କାଏମ୍ ରଖିବେ, ଉଚ୍ଚ ନୈତିକତାର ଭାଲ୍ୟୁଜ୍‌କୁ କାଏମ୍ ରଖିବେ, ଉଚ୍ଚତମ ଚରିତ୍ରର ମୂଲ୍ୟବୋଧ କାଏମ୍ ରହିବ ତେବେ ପ୍ରତ୍ୟେକ ବ୍ୟକ୍ତି ଏହି ପ୍ରଥାର ସମ୍ମାନ କରିଚାଲିବ । ପ୍ରତ୍ୟେକ ବ୍ୟକ୍ତିର ନିଜର ସଂସ୍କୃତି ରହିଛି ବା ପ୍ରଥା ରହିଛି ଏବଂ ଧର୍ମ ରହିଛି ତେଣୁ ତା' ମୁତାବକ ତା'ର ସମ୍ମାନ ମଧ୍ୟ ହେବ । ଯଦି ମାନବିକ ମୂଲ୍ୟବୋଧ କାଏମ୍ ରହିବ, ଚାରିତ୍ରିକ ମୂଲ୍ୟବୋଧ କାଏମ୍ ରହିବ ତାହାହେଲେ କେବେବି କୌଣସି ପ୍ରକାରର Conflict ସୃଷ୍ଟି ହୋଇପାରିବନାହିଁ । ଆପୋଷରେ କୌଣସି ପ୍ରକାରର ମତଭେଦ ରହିପାରିବନାହିଁ । ତେଣୁ ସର୍ବଦା ଆମକୁ ଏକଥା ମନେରଖିବା ଉଚିତ । ଆମେ ଅହେମଦୀ ମୁସଲମାନମାନେ ଏଥିପ୍ରତି ଚେଷ୍ଟା କରିଥାଉ ଏବଂ ପ୍ରତ୍ୟେକ ଭଦ୍ର ବ୍ୟକ୍ତି ଏହା ଚେଷ୍ଟା କରିଥାଏ ଯେ, ସେ କିପରି ନୈତିକ ମୂଲ୍ୟବୋଧର ସୁରକ୍ଷା କରିବ । ତାହା ବିଭିନ୍ନ ସଂସ୍କୃତିର ଲୋକେ ହୁଅନ୍ତୁ, ବିଭିନ୍ନ ଚରିତ୍ର ଲୋକେ ମଧ୍ୟ ହୁଅନ୍ତୁ କିନ୍ତୁ ପ୍ରତ୍ୟେକଙ୍କଠାରେ ଭଲ କଥା ମଧ୍ୟ ଥାଏ । ସେହିଭଳି ଖରାପ କଥା ମଧ୍ୟ ଥାଏ । ତେଣୁ ଏପରି କିଛି ଉତମ କଥା ରହିଛି ଯାହାକୁ ଅନ୍ୟମାନେ ମଧ୍ୟ ଆପଣେଇବା ଉଚିତ । ନବୀ କରିମ୍ ସ:ଆ:ସ ଏକଥା ମଧ୍ୟ କହିଛନ୍ତି ଯେ, ତୁମକୁ ଯେ କୌଣସି ଭଲକଥା ଯାହାଠାରୁ ମଧ୍ୟ ମିଳୁ, ଏହା ଜରୁରୀ ନୁହେଁ ଯେ, ମୁସଲମାନମାନଙ୍କଠାରୁ ମିଳୁ, କେଉଁଠାରୁ ମଧ୍ୟ ମିଳୁ, କୌଣସି ଧର୍ମରୁ ମିଳିପାରେ, କୌଣସି ବ୍ୟକ୍ତିଙ୍କଠାରୁ ମିଳିପାରେ ସେ ଯେ କୌଣସି ଧର୍ମ ଉପରେ ବିଶ୍ୱାସ ରଖିଥାଉ ନା ନାହିଁ ତେବେ ତୁମେ ଜାଣିନିଅ ଯେ, ସେହି ଭଲ କଥା ଗୁଡ଼ିକ ତୁମର ହଜିଯାଇଥିବା ସମ୍ପତି ଅଟେ । ତେଣୁ ତାକୁ ହାସଲ କର ଓ ତା' ଉପରେ ପରିଚାଳିତ ହେବାପାଇଁ ଚେଷ୍ଟା କର । ସୁତରାଂ ଭଲ ଭାଲ୍ୟୁଜ୍ ପ୍ରତ୍ୟେକଙ୍କ ନିକଟରେ ମିଳିଥାଏ ତେଣୁ ପ୍ରତ୍ୟେକ ଭଦ୍ର ବ୍ୟକ୍ତିଙ୍କୁ ସେଗୁଡ଼ିକର ସମ୍ମାନ କରିବା ଉଚିତ ଏବଂ ନା କେବଳ ସମ୍ମାନ କରିବା ଉଚିତ ବରଂ ତାହାକୁ ଆପଣେଇବା ମଧ୍ୟ ଉଚିତ ।

ହଜୁର ଅନୱର ଅ:ବ:ଅ କହିଲେ: ପୁଣି ମହିଳାମାନଙ୍କର ଅଧିକାର ରହିଛି ସେ ସମ୍ବନ୍ଧରେ ମଧ୍ୟ ଇସ୍‌ଲାମ୍ ଶିକ୍ଷା ଦେଇଅଛି । ଇସ୍‌ଲାମ୍ ମହିଳାମାନଙ୍କୁ ଶିକ୍ଷା ପ୍ରାପ୍ତ କରିବାର ହକ୍ ଦେଇଛି ପୁଣି ପବିତ୍ର କୁର୍‌ଆନ୍‌ରେ ଏହା ଲେଖାଯାଇଛି ଯେ, ପୁରୁଷମାନେ ନିଜ ଘର ଲୋକମାନଙ୍କ ସହିତ ଉତମ ବ୍ୟବହାର କରିବା ଉଚିତ । ପୁଣି ମହିଳାମାନଙ୍କୁ ସମ୍ପତି ପାଇବାର ହକ୍ ମଧ୍ୟ ଦେଇଛି । ପୁଣି ହଜ୍‌ରତ୍ ମୁହମ୍ମଦ ସ:ଆ:ସ କହିଛନ୍ତି ଯେ, ମା ପାଦ ତଳେ ବୈକୁଣ୍ଠ ରହିଛି ଅର୍ଥାତ ମା' ଏବଂ ମହିଳାମାନେ ହେଉଛନ୍ତି ଏପରି ଅସ୍ତିତ୍ୱ ଯେଉଁମାନେ ପୂଣ୍ୟ ପ୍ରଶିକ୍ଷଣ ଦେଇ ନିଜର ସନ୍ତାନମାନଙ୍କୁ ବୈକୁଣ୍ଠ ବାସୀ କରାଇଥାନ୍ତି ଏବଂ ପରିବେଶକୁ ମଧ୍ୟ ବୈକୁଣ୍ଠ ସଦୃଶ ବନାଇଥାନ୍ତି, ସମାଜକୁ ବୈକୁଣ୍ଠ ସଦୃଶ ବନାଇଥାନ୍ତି । ଏହି ସହରକୁ, ଦେଶକୁ ଓ ଯେଉଁଠାରେ ମଧ୍ୟ ସେମାନେ ରହିଥାନ୍ତି ତାହାକୁ ବୈକୁଣ୍ଠ ଭଳି ବନାଇଥାନ୍ତି । ଅତଏବ ଇସ୍‌ଲାମ୍ ମହିଳାମାନଙ୍କର ଯେଉଁ ସମ୍ମାନ କରିଥାଏ, ଇସ୍‌ଲାମ୍ ମହିଳାମାନଙ୍କୁ ଯେଉଁ ପଦମର୍ଯ୍ୟାଦା ଦେଇଛି ତାହା ହେଉଛି ଏହା କି, ମହିଳାମାନେ ହିଁ ଜାତିର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି । ଜଣେ ପୂଣ୍ୟବନ୍ତ ମହିଳା, ଭଲ ଚରିତ୍ରବତା ମହିଳା ଏବଂ ଶିକ୍ଷିତା ମହିଳା ହିଁ ନିଜ ସନ୍ତାନମାନଙ୍କୁ ଏପରି ପ୍ରଶିକ୍ଷଣ ଦେଇପାରେ ଯେ, ସେମାନେ ଦେଶ ଓ ଜାତିର ସେବକ ହୋଇପାରିବେ । ସୁତରାଂ ଏହି ଦୃଷ୍ଟିକୋଣରୁ ଇସ୍‌ଲାମ୍ ମହିଳାମାନଙ୍କୁ ମଧ୍ୟ ଏକ ପଦମର୍ଯ୍ୟାଦା ପ୍ରଦାନ କରିଛି ।

ହଜୁର ଅନୱର ଅ:ବ:ଅ କହିଲେ: ପୁଣି ଏଠାକୁ ଚର୍ଚ୍ଚର ପ୍ରତିନିଧି ମଧ୍ୟ ଆସିଥିଲେ ସେ ଧର୍ମୀୟ ସଦ୍‌ଭାବନା କଥା କହିଲେ, ବହୁତ ଭଲ କଥା । ଧର୍ମୀୟ ସଦ୍‌ଭାବନା ନିଶ୍ଚିତ ରହିବା ଉଚିତ । ପ୍ରଥମେ ମଧ୍ୟ ମୁଁ ଏକଥା ଚର୍ଚ୍ଚା କରିସାରିଛି ଯେ, ସର୍ବଦା ଜଣେ ଅନ୍ୟ ଜଣକର ଧର୍ମର ମନୋଭାବର ବରଂ ଯେଉଁ ପ୍ରଥାମାନ ସେମାନଙ୍କର ରହିଛି ତାହାର ସମ୍ମାନ କରିବା ଉଚିତ । ତାହେଲେ ଧର୍ମୀୟ ସଦ୍‌ଭାବନା ମଧ୍ୟ ରହିବ । ପବିତ୍ର କୁର୍‌ଆନ୍‌ର ଯେଉଁ ପ୍ରଥମ ସୁରାଃ ରହିଛି ସେଥବରେ ଅଲ୍ଲାଃ ତାଲା ମଧ୍ୟ ଏହା ଲେଖିଛନ୍ତି ଯେ, ଅଲ୍ଲାଃ ହେଉଛନ୍ତି ସାରା ବ୍ରହ୍ମାଣ୍ଡର ପାଳନକର୍ତା । ସେ ଇସାଇମାନଙ୍କର ମଧ୍ୟ ପାଳନକର୍ତା, ସେ ମୁସଲମାନମାନଙ୍କର ମଧ୍ୟ ପାଳନକର୍ତା, ସେ ଇହୁଦୀମାନଙ୍କର ମଧ୍ୟ ପାଳନକର୍ତା, ସେ ହିନ୍ଦୁମାନଙ୍କର ମଧ୍ୟ ପାଳନକର୍ତା ଅଟନ୍ତି ଏବଂ ସେ ପ୍ରତ୍ୟେକ ଧର୍ମର ମଧ୍ୟ ପାଳନକର୍ତା ଅଟନ୍ତି । ବରଂ ଯେଉଁମାନେ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ରଖୁନାହାନ୍ତି ସେ ସେମାନଙ୍କର ମଧ୍ୟ ପାଳନକର୍ତା ଅଟନ୍ତି ଏବଂ ଏହା ହିଁ ଆମର ହେଉଛି ବିଶ୍ୱାସ ଯେ, ଅଲ୍ଲାଃ ଯେହେତୁ ପାଳନକର୍ତା ଅଟନ୍ତି, ପ୍ରତ୍ୟେକଙ୍କୁ ପ୍ରଦାନ କରିଥାନ୍ତି ତେଣୁ ଏ ସଂସାରିକ ବସ୍ତୁଗୁଡ଼ିକରୁ ମଧ୍ୟ ଆମେ ଲାଭ ଉଠାଇଥାଉ କାରଣ ତାହା ସବୁ ସେହି ଅଲ୍ଲାଃଙ୍କ ତରଫରୁ ହିଁ ଉପଲବ୍ଧ ହୋଇଥାଏ । ସେ କୌଣସି ଧର୍ମର ହୋଇଥାଉ ବା କୌଣସି ଜାତିର ହୋଇଥାଉ

ଅବଶିଷ୍ଟାଂଶ ପୃଷ୍ଠା- ୦୯ ରେ ଦେଖନ୍ତୁ...

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan